ସକାଳ THE SAKALA



www.sakalaepaper.com

## ପୁଣି ବଲାଙ୍ଗିରରେ ଜମି ଠକେଇ

# ମାଲିକଙ୍କ ଅଜାଣତରେ ପଟ୍ଟାରୁ ଜମି ଗାଏବ

**ବଲାଙ୍ଗିର, ୧୦।୪(ସମିସ)**

ବଲାଙ୍ଗିର ଜିଲ୍ଲାରେ ପୁଣି ଜମି ଠକେଇ ଅଭିଯୋଗ। ଜଣେ ବ୍ୟକ୍ତିଙ୍କ ଜମିକୁ କାଗଜପତ୍ରରେ ଠକେଇ କରି ବିକ୍ରୀ କରାଯାଇଥିବା ଜମି ମାଲିକ ଅଭିଯୋଗ କରିଛନ୍ତି। ଅଭିଯୋଗ କରିବାପରେ ଏନେଇ ବଲାଙ୍ଗିର ସବ୍‌ରେଜିଷ୍ଟ୍ରାର ଏହାର ତନାଘନା କରିବା ପାଇଁ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକାରୀ ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲା ତହସିଲ ବୁଢୀସିଣ୍ଢୋଲ ଗ୍ରାମର ଅମରିଶ କର୍ମୀ ହୋଇଥିବା ବେଳେ ତାଙ୍କର ୧.୦୮ ଏକର ଜମି ଠକେଇ କରି ବିକ୍ରି କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଏନେଇ ସବ୍ ରେଜିଷ୍ଟ୍ରାର ପୂର୍ଣ୍ଣଚନ୍ଦ୍ର ନାଏକ ଏହାର ଛାନଭିନ କରିବା ପାଇଁ ଲିଖିତ ଭାବେ ଜଣାଇଥିବାବେଳେ ଜମି କ୍ରେତା, ଦୁଇଜଣ ସାକ୍ଷୀ ଓ ଡିଡ୍ ଲେଖକଙ୍କ ସୂଚନା ମଧ୍ୟ ପ୍ରଦାନ କରିଛନ୍ତି।

ବଲାଙ୍ଗିର ଜିଲ୍ଲାରେ କିଛି ମାସ ପୂର୍ବରୁ ଧମାମୁରାଠାରେ ଏକ ବଡ଼ ଧରଣର ଜମି ଠକେଇ ହୋଇଥିଲା। ଏହି ଘଟଣାର ତଦନ୍ତ ଏବେବି ଜାରି

**ପୁଇଁନ୍ତଲା ତହସିଲ ବୁଢୀସେଣ୍ଢୋଲ ମୌଜାର ୧.୦୮ ଏକର ଜମି ଗାଏବ**

**ଅସଲି ଜମି ମାଲିକଙ୍କ ଅଭିଯୋଗ**

**ଜିଲ୍ଲା ସବ୍ ରେଜିଷ୍ଟ୍ରାରଙ୍କ ଥାନାରେ ଅଭିଯୋଗ**

ରହିଥିବା ବେଳେ ଆଉ ଏକ ଜମି ଠକେଇ ମାମଲା ସାମ୍ନାକୁ ଆଣି ନିଜେ ବିବାଦରେ ଛନ୍ଦି ହୋଇଛନ୍ତି ଜିଲ୍ଲା ସବ୍‌ରେଜିଷ୍ଟ୍ରାର ପୂର୍ଣ୍ଣଚନ୍ଦ୍ର ନାଏକ।

ସୂଚନା ଅନୁସାରେ ବୁଢୀସିଣ୍ଢୋଲ ଗାଁର ଅମରିଶ କର୍ମୀଙ୍କ ଗତ ମାର୍ଚ୍ଚ ୨୭ ତାରିଖରେ ତାଙ୍କର ଅଜାଣତରେ ତାଙ୍କ ଜମି ଖାତା ନଂ ୧୬୭/୧୮୩ ପ୍ଲଟ ନଂ ୫୧୫/୨୦୬୦ରେ ଥିବା ୧.୦୮ ଏକର ଜମିକୁ କେହି ବିକ୍ରି କରିଦେଇଛି। ଏ ବିଷୟରେ ତାଙ୍କ ପାଖରେ କୌଣସି ସୂଚନା ନ ଥିବା ବେଳେ କିଭଳି, କିଏ ଓ କେମିତି ଏହି ଜମି ବିକ୍ରି କଲା ତାକୁ ନେଇ ସେ ଜିଲ୍ଲା ସବ ରେଜିଷ୍ଟ୍ରାରଙ୍କ ଆଗରେ ଫେରାଦ ହୋଇଥିଲେ। ପ୍ରାଥମିକ ତନାଘନାରୁ ଏହି ଜମି ପୁଇଁନ୍ତଲା ତହସିଲର ଅଏଁଲାସାରୀ ଗାଁର ପ୍ରମୋଦ ବିଶି ଗତ ୨୦୨୩ ନଭେମ୍ବର ୧୭ ତାରିଖରେ କିଣିଥିବା ଜଣାପଡ଼ିଥିଲା। ଅମରିଶଙ୍କ ଜମି ଖାତାରେ ଥିବା ଜମି ଖାରଜ କେସ ନଂ ୮/୧୮୧୬/୨୦୨୩ ବଳରେ ନୂତନ ଖାତା ନଂ ୨୬୭/୨୪୫କୁ ଯାଇଥିବା ଜଣାପଡ଼ିଛି। ଏହି ଜମି ଖାତା ପ୍ରମୋଦ ବିଶିଙ୍କ ନାମରେ ରହିଛି। ତେବେ କେମିତି ଜମି ମାଲିକଙ୍କ ଅଜାଣତରେ ଜମି ବିକ୍ରିହେଲା ତାକୁ ନେଇ ଏବେ ଉଠିଛି ପ୍ରଶ୍ନବାଚୀ। ଜିଲ୍ଲା ସବ୍ ରେଜିଷ୍ଟ୍ରାର ଏନେଇ ଗତ ଏପ୍ରିଲ ୩ ତାରିଖରେ ଚିଠି ନଂ ୫୦୯ରେ ଟାଉନ ଥାନାରେ ଲିଖିତ ଭାବେ ଜଣାଇଛନ୍ତି। ଏହି ଜମି କ୍ରେତା ପ୍ରମୋଦ ବିଶି ହୋଇଥିବା ବେଳେ ବିକ୍ରି ସାକ୍ଷୀ ଭାବେ ବୁଢୀସେଣ୍ଢୋଲ ଗାଁର ଧ୍ରୁବେଇ କରନ, ସୁଶୀଲ ଗାଇଗରିଆ ବୋଲି ସେ ସୂଚନା ଦେଇଛନ୍ତି। ସେହିପରି ଲେଖକ ଭାବେ ଦେବେନ୍ଦ୍ର ସାହୁ ଦଲିଲ ପ୍ରସ୍ତୁତ କରିଥିବା ସେ ଟାଉନ ଥାନା ଅଧିକାରୀଙ୍କୁ ଜଣାଇଛନ୍ତି। ଏହାର ଛାନଭିନ କରିବାକୁ ସେ ଅନୁରୋଧ କରିଥିବା ବେଳେ ଆଜି ପର୍ଯ୍ୟନ୍ତ ଏନେଇ ଥାନା ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଅପରପକ୍ଷେ ଏହିଭଳି ଘଟଣା ଘଟିବା କଥା ନୁହଁ। ରେଜିଷ୍ଟ୍ରି କରିବା ପାଇଁ ରହିଥିବା ସମସ୍ତ ନିୟମକୁ ପାଳନ କରାଯାଉଥିବା ବେଳେ ଏହି ଜମି କିଣାବିକାରେ ଠକେଇ ହୋଇଥିବା ସନ୍ଦେହରେ ଥାନାରେ ଲିଖିତ ଅଭିଯୋଗ କରିଥିବା ଜିଲ୍ଲା ସବ୍‌ରେଜିଷ୍ଟ୍ରାର ପୂର୍ଣ୍ଣଚନ୍ଦ୍ର ନାଏକ କହିଛନ୍ତି।

# ବିଦେଶୀ ମଦ ଜବତ, ଜଣେ ଗିରଫ



**ବଲାଙ୍ଗିର/ଲୋଇସିଂହା, ୧୦।୪(ସମିସ) :** ବଲାଙ୍ଗିର ଜିଲ୍ଲା ଆଗଲପୁର ଥାନା ଅଧୀନ ବିନ୍ଧାପାଲି ଗାଁରୁ ବିପୁଳ ମଦ ଜବତ କରିଛି ଅବକାରୀ ବିଭାଗ। ଏହି ଘଟଣାରେ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଛି। ଗିରଫ ହୋଇଥିବା ଅଭିଯୁକ୍ତ ଜଣକ ସୁନୀଲ ସାହୁ ବୋଲି ଜଣାପଡ଼ିଛି। ସୁନୀଲ ବେଆଇନ ଭାବରେ ମଦ ବିକ୍ରି କରୁଥିବା ନେଇ ଅବକାରୀ ବିଭାଗ ଖବର ପାଇଥିଲା। ଜିଲ୍ଲା ମୋବାଇଲ ୟୁନିଟ, ଲୋଇସିଂହା ଅବକାରୀ ବିଭାଗ ଓ ପାଟଣାଗଡ଼ ଅବକାରୀ ବିଭାଗ ମିଳିତ ଭାବରେ ଚଢ଼ଉ କରିଥିଲା। ୧୩୮ ବିଏଲ ବିୟର ଏବଂ ୪୧.୫୬୫ ବିଏଲ ଫରେନ ଲିକର ଜବତ କରାଯାଇଥିଲା। ଅଭିଯୁକ୍ତକୁ ଗିରଫ କରିବା ପରେ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି।

# ଅନୀଲ ବ୍ରଦର ଦୋକାନରେ ଅଗ୍ନିକାଣ୍ଡ



**କଣ୍ଟାବାଞ୍ଜି, ୧୦।୪(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରର ଇନ୍ଦ୍ରାଛକ ନିକଟସ୍ଥ ଅନୀଲ ବ୍ରଦର ଦୋକାନରେ ଅଗ୍ନିକାଣ୍ଡ ଘଟିଛି। ଦୋକନ ଏବଂ ଗୋଦାମରେ ବୁଧବାର ୧୧ ଟା ବେଳେ ନିଆଁ ଲାଗିଯାଇଥିଲା। ଏଥିରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଅଗ୍ନିକାଣ୍ଡରେ ଗୋଦାମ ଭିତରେ ଥିବା ସାମଗ୍ରୀ ସମ୍ପୂର୍ଣ୍ଣ ଭାବେ ଜଳିଯାଇଛି। କେଉଁ କାରଣରୁ ଏହି ଅଗ୍ନିକାଣ୍ଡ ଘଟିଛି ତାହା ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ଏନେଇ କଣ୍ଟାବାଞ୍ଜି ଅଗ୍ନିଶମ ବାହାନୀଙ୍କୁ ଖବର ଦେବା ପରେ ଘଟଣାସ୍ଥଳକୁ ପହଞ୍ଚି ନିଆଁ ଆୟତ୍ତ କରି କରିଥିଲେ।

## ବଲାଙ୍ଗିରରେ ବୁଲା କୁକୁର ଆତଙ୍କ

# ଘର ସାମ୍ନାରେ ଝୁଲୁଛି ପେଟ୍ରୋଲ ମିଶା ପାଣି

**ବଲାଙ୍ଗିର, ୧୦।୪(ସମିସ):** ବଲାଙ୍ଗିର ସହରରେ ବଢ଼ିଛି ବୁଲା କୁକୁରଙ୍କ ଦୌରାତ୍ମ୍ୟ। ସହରର ଗଳିକନ୍ଦି ସବୁଆଡେ ବୁଲା କୁକୁର ପଲ। ଘର ଅଗଣାରେ ପରିସ୍ରା କରୁଛନ୍ତି, ଝାଡ଼ା କରୁଛନ୍ତି। ଅଜଣା ଲୋକଙ୍କୁ ଦେଖିଲେ ଗୋଡାଉଛନ୍ତି। କେବଳ ମଣିଷ କାହିଁକି ଗାଈ ଛେଳି ଭଳି ପଶୁମାନେ ମଧ୍ୟ ବର୍ତ୍ତୁନାହାନ୍ତି। ଗତ କିଛିଦିନ ହେଲା ବଲାଙ୍ଗିର ସହରରେ ବୁଲା କୁକୁର ଆତଙ୍କ ବୃଦ୍ଧି ପାଇଥିବାବେଳେ ଏଥିରୁ ବର୍ତ୍ତିବାକୁ ଲୋକେ ନାନା ଉପାୟ କରୁଥିବା ଦେଖିବାକୁ ମିଳିଛି।

ସହରର ଅଧିକାଂଶ ପଡ଼ାରେ ଥିବା ଘର ସାମ୍ନାରେ ପାଣିରେ ପେଟ୍ରୋଲ ମିଶାଇ ବୋତଲ ଝୁଲା ହୋଇଥିବା ଦେଖିବାକୁ ମିଳିଛି। ଲୋକେ ଏଭଳି କରିବା ପଛରେ ଯାହା କାରଣ ରହିଛି ତାହା ହୁଏତ ନୂଆଲୋକଙ୍କୁ ଆଶ୍ଚର୍ଯ୍ୟ କରିପାରେ। କିନ୍ତୁ ବୁଲା କୁକୁରଙ୍କ ଠାରୁ ବର୍ତ୍ତିବାକୁ ସେମାନେ ଏଭଳି କରୁଥିବା କହିଛନ୍ତି। ଲୋକଙ୍କ କହିବା ଅନୁସାରେ ପେଟ୍ରୋଲ ରଙ୍ଗ ଓ ଗନ୍ଧକୁ କୁକୁର ଡରନ୍ତି। ଯେଉଁଠାରେ ପେଟ୍ରୋଲ ରଖାହୋଇଥିବ ତାର ପାଖ ମାଡ଼ନ୍ତି ନାହିଁ। ତେଣୁକରି ଆମେ ଘର ସାମ୍ନାରେ ପେଟ୍ରୋଲ



ମିଶା ପାଣି ବୋତଲରେ ଭର୍ତ୍ତି କରି ବାହାରେ ଝୁଲାଉଛୁ ବୋଲି କହିଥିଲେ। ସହରରେ ବୁଲା କୁକୁରଙ୍କ ସଂଖ୍ୟା ବହୁମାତ୍ରାରେ ବୃଦ୍ଧି ପାଇଛି। ପ୍ରତ୍ୟେକ ପଡ଼ା, ବସ୍ତି ରେ ୫୦ ରୁ ଊର୍ଦ୍ଧ୍ୱ କୁକୁର ବୁଲୁଛନ୍ତି। ସେମାନେ ଘର ସାମ୍ନାରେ ପରିସ୍ରା, ଝାଡ଼ା କରିବା ସହିତ ଲୋକଙ୍କୁ ଦେଖିଲେ ଭୁକୁଛନ୍ତି। କେବଳ ସହରରେ ନୁହେଁ ସହର ଉପକଣ୍ଠରେ ଥିବା ଗାଁ ମାନକରେ ମଧ୍ୟ ଲୋକଙ୍କୁ ବୁଲା କୁକୁର ଚିନ୍ତାଗ୍ରସ୍ତ କରିଛି। ଗତ କିଛିଦିନ ତଳେ ବିଞ୍ଜୁମୁଣ୍ଡା ଗାଁରେ ଚାରିଟି ଛେଳିଙ୍କୁ କୁକୁରମାନେ କାମୁଡ଼ି ଆହତ କରିଛନ୍ତି। ବିଗତ ଦିନରେ କୁକୁରଙ୍କ ଆକ୍ରମଣରେ ଛେଳିମାନଙ୍କ ମୃତ୍ୟୁ ହୋଇଥିବା ସେଠାକାର ଛେଳି ଚରାଳିମାନେ କହିଛନ୍ତି। ପ୍ରତିବର୍ଷ ଚୈତ୍ର ମାସ ସମୟରେ ସହର ପଟୁ ଦଳଦଳ ହୋଇ ବୁଲା କୁକୁର ଆସନ୍ତି। ଛେଳିମାନଙ୍କୁ ଆକ୍ରମଣ କରି ମାରିବାକୁ ଚେଷ୍ଟା କରନ୍ତି। ଦିନକୁ ଦିନ ଏଭଳି ସମସ୍ୟା ବୃଦ୍ଧି ପାଉଥିଲେ ହେଁ ପ୍ରଶାସନ ଏଦିଗରେ ଧ୍ୟାନ ନଦେବା ଚିନ୍ତାଜନକ ଅଟେ। ତେବେ ପ୍ରଶାସନ ଏଥିପ୍ରତି ଯତ୍ନବାନ ନହେଲେ ଆଗାମୀ ଦିନରେ ପଶୁ ନୁହେଁ, ମଣିଷମାନେ କୁକୁରଙ୍କ ଆକ୍ରମଣର ଶିକାର ହେବେ ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଇଛି।

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲା ଅଭିଭାବକ ସଂଘ



**ବଲାଙ୍ଗିର, ୧୦।୪(ସମିସ):** ଶିକ୍ଷା ଅଧିକାର ଆଇନ(ଆରଟିଇ) ରେ ବିଭିନ୍ନ ଘରୋଇ ସ୍କୁଲରେ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀଙ୍କ ଅବିଭାବକମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଘରୋଇ ସ୍କୁଲଗୁଡିକ ଛାତ୍ରଛାତ୍ରୀଙ୍କୁ ପାଠ୍ୟପୁସ୍ତକ ଓ ଡ୍ରେସ ଯୋଗାଇ ଦେଉ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ତାଙ୍କର କହିବା ଅନୁସାରେ ବଲାଙ୍ଗିରରେ ଥିବା ଘରୋଇ ବିଦ୍ୟାଳୟ ଗୁଡିକ ଛାତ୍ରଛାତ୍ରୀମାନଙ୍କୁ ପାଠ୍ୟ ପୁସ୍ତକ, ପୋଷାକ, ସ୍କୁଲ ବ୍ୟାଗ, ଯୋତା ଆଦି ସାମଗ୍ରୀ ପ୍ରଦାନ କରୁନାହାନ୍ତି। ଯାହାଫଳରେ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ଆର୍ଥିକ ଭାବରେ ଅନଗ୍ରସର ଥିବା ଅବିଭାବକମାନେ କୁଆଡୁ ଏତେ ଟଙ୍କା ଯୋଗାଡ କରି ତାଙ୍କ ପିଲାଙ୍କ ପାଠପଢ଼ାର ବ୍ୟବସ୍ଥା କରିବେ ସେହି ଚିନ୍ତାରେ ରହିଥିବା ଅବିଭାବକ ସଂଘ ପ୍ରକାଶ କରିଛି। ଆସନ୍ତା ୭ ଦିନ ମଧ୍ୟରେ ଏହି ସମସ୍ୟାର ସମାଧାନ କରା ନ ଗଲେ ଜିଲ୍ଲା ଅବିଭାବକ ସଂଘ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେବ ବୋଲି ଚେତାବନୀ ଦେଇଛି। ବୁଧବାର ଏ ସମ୍ପର୍କରେ ଜିଲ୍ଲାପାଳଙ୍କୁ ଭେଟିବା ବେଳେ ସଭାପତି ସିତାରାମ କୁମ୍ଭାର, ଉପସଭାପତି ଜୋତିଷ କୁମାର ମହାନନ୍ଦ, ସମ୍ପାଦକ ବିଶ୍ୱାମିତ୍ର କୁମ୍ଭାର, ହର ମେହେର, ତୁଳସୀ ମେହେର, କମଳଲୋଚନ ମେହେର, ଶ୍ରୀକାନ୍ତ ଜାଲ, ଦିଲୀପ ଭରାସାଗର ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଲୋଇସିଂହା ନିର୍ବାଚନମଣ୍ଡଳୀର କଂଗ୍ରେସ କର୍ମକର୍ତ୍ତାଙ୍କ ସମ୍ମିଳନୀ



**ବଲାଙ୍ଗିର, ୧୦।୪(ସମିସ):** ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅଧୀନ ଆଗଲପୁର, ଲୋଇସିଂହା, ପୁଇଁନ୍ତଲା ବ୍ଲକର କର୍ମକର୍ତ୍ତାଙ୍କୁ ନେଇ ସ୍ଥାନୀୟ ସୁଦପଡ଼ା କଲ୍ୟାଣମଣ୍ଡପ ଠାରେ ନିର୍ବାଚନ ମଣ୍ଡଳୀ ଆବାହକ ମନମୋହନ ପଟେଲଙ୍କ ସଭାପତିତ୍ୱରେ ଏବଂ ଜିଲ୍ଲା କିଶାନ କଂଗ୍ରେସ ଅଧ୍ୟକ୍ଷ ସାନନ୍ଦ ମିଶ୍ରଙ୍କ ସଂଯୋଜନାରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ନବ ମନୋନୀତ ଜିଲ୍ଲା କଂଗ୍ରେସ ସଭାପତି ଅଶୋକ ନନ୍ଦଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏଆଇସିସି ସଦସ୍ୟ ତଥା ପିସିସି ସାଧାରଣ ସମ୍ପାଦକ ସମରେନ୍ଦ୍ର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ତୃଣମୂଳସ୍ତରରୁ ଦଳକୁ ସୁଦୃଢ଼ କରିବା ସହ କଂଗ୍ରେସର ଗ୍ୟାରେଣ୍ଟି ବିଷୟରେ କର୍ମୀମାନଙ୍କୁ ଅବଗତ କରାଇଥିଲେ। ସାଂସଦ ପ୍ରାର୍ଥୀ ଅଭିନେତା ମନୋଜ ମିଶ୍ର ଓ ଲୋଇସିଂହା ବିଧାନସଭା ପ୍ରାର୍ଥୀ ଓମ୍ ପ୍ରକାଶ କୁମ୍ଭାର କର୍ମୀମାନଙ୍କୁ ମନୋମାଳିନ୍ୟ ଭୁଲି ଏକଜୁଟ ହୋଇ କାମ କରିବା ପାଇଁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଆଇସିସି ପର୍ଯ୍ୟବେକ୍ଷକ ସଚିନ ନାଏକ, କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସ୍ମାରକ ରଞ୍ଜନ ମିଶ୍ର, ପୁଇଁନ୍ତଲା ବ୍ଲକ ସଭାପତି ଉମାକାନ୍ତ ସାହୁ, ଅରବିନ୍ଦ ସାହୁ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ଗଣେଶ ସାହୁ, ଅଙ୍କିତ ସାହୁ, ସଞ୍ଜୀବ ନାଗ, ଦଳିତ ନେତା ଜ୍ୟୋତିଷ ମୁଗ୍ରୀ, ଅନିରୁଦ୍ଧ ବଗର୍ତ୍ତି, ଚିନ୍ତାମଣି ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଓବିସି ସଭାପତି ସରୋଜ ମେଶ୍ୱା, ଶୁଭ୍ରାଂଶୁ ପଣ୍ଡା, ଗଦାଧର ମହାପାତ୍ର, ଲଳିତ ପଟେଲ, ହରି ନନ୍ଦ, ବିରୋଧ ତାଣ୍ଡି, ଦୟା ବିଶି, ସୁରେଶ ମିଶ୍ର, ଦେବରାଜ ମହାକୁର, ଜିତୁ ମନହିରା, ଟଙ୍କଧର ଗଡ଼ତ୍ୟା, ସୁଶାନ୍ତ ଷଡ଼ଙ୍ଗୀ, ସୋମନାଥ ପଟେଲ, ସାନ୍ତନୁ ସିଂ, ସଞ୍ଜୀବ କ୍ଷେତୀ, ମନୋଜ ସାଏ, ବସୁଦେବ ନାଏକ, ଯୁଗଲାଲ ନନ୍ଦ, ତୀର୍ଥ ପ୍ରସାଦ ମେର୍ଲି, ହିମାଂଶୁ ନନ୍ଦ, ରମେଶ ରାଏଗରିଆ, ସରୋଜ ଡାଙ୍ଗ, ସରୋଜ ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଟିଟିଲାଗଡ଼ରେ ବିଜୁ ଜନତା ଦଳର ଶକ୍ତି ପ୍ରଦର୍ଶନ

**ଟିଟିଲାଗଡ଼, ୧୦।୪(ସମିସ):** ଟିଟିଲାଗଡ଼ ବିଜୁ ଜନତା ଦଳ ତରଫରୁ ସହରରେ ଏକ ବିଶାଳ ବାଇକ୍ ରାଲି କରି ନିଜ ଶକ୍ତି ପ୍ରଦର୍ଶନ କରାଯାଇଛି। ବୁଧବାର ସନ୍ଧ୍ୟାରେ ବିଜୁ ଜନତାଦଳର ବଲାଙ୍ଗିର ଲୋକସଭା ପ୍ରାର୍ଥୀ ଓ ବିଜେଡିରେ ନୂତନ ଭବରେ ଯୋଗ ଦେଇଥିବା ସୁରେନ୍ଦ୍ର ସିଂହ ଭୋଇ ନିଜ ସମର୍ଥକଙ୍କ ସହିତ ସଇଁତଳାରୁ ଏକ ରାଲି କରି ଟିଟିଲାଗଡ଼ରେ ପହଞ୍ଚି ଏହାପରେ ଶୋଭାଯାତ୍ରା ଟିଟିଲାଗଡ଼ର ଗୋବିନ୍ଦ ବଟିକାରେ ପହଞ୍ଚିଥିଲା। ଏଠାରେ ଏକ୍ ବିଶାଳ ସାଧାରଣ ସଭାରେର ଆୟୋଜନ କରାଯାଇଥିଲା। ଏହି ସଭାରେ ହଜାର ହଜାର ସଂଖ୍ୟାରେ ଦଳୀୟ କର୍ମୀଙ୍କ ସହିତ ସ୍ଥାନୀୟ ଲୋକେ ଯୋଗ ଦେଇଥିଲେ। ଏହି ଅବସରରେ ସଂସାଦ ପ୍ରାର୍ଥୀ ସୁରେନ୍ଦ୍ର ସିଂହ ଭୋଇ ଓ ବିଧାୟିକା ପ୍ରାର୍ଥୀ ଟୁକୁନି ସାହୁ ଏହି ସାଧାରଣ ସଭାରେ ଯୋଗ ଦେଇ



ଥିଲେ। ଏହି ରାଲିରେ ଟିଟିଲାଗଡ଼ ବିଜୁ ଜନତା ଦଳର କର୍ମୀ ଓ ସମର୍ଥକମାନଙ୍କ ସହିତ ବିଧାୟିକା ପ୍ରାର୍ଥୀ ଟୁକୁନି ସାହୁ ଯୋଗ ଦେଇ ସହରରେ ଏକ ବିଶାଳ ରାଲି କରି ଟିଟିଲାଗଡ଼ର ଅଧିଷ୍ଠାତ୍ରୀ ଦେବୀ ମାଁ ଘଣ୍ଟାଶନିଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ପାଇଁ ଲୋକଙ୍କୁ ନିବେଦନ କରିବା ସହିତ ବିଗତ ଦିନ ମାନଙ୍କରେ ଦଳ ତରଫରୁ କରାଯାଇଥିବା ଯୋଜନା ଓ ଜନହିତକର କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ।

# ବଳରାମ ବଗର୍ତ୍ତୀ କୋଶଲ ରାଏଜ ମୁକ୍ତିମୋର୍ଚ୍ଚାର ବିଧାୟକ ପ୍ରାର୍ଥୀ



**ପାଟଣାଗଡ଼, ୧୦।୪(ସମିସ):** ବଳରାମ ବଗର୍ତ୍ତି କୋଶଳ ରାଏଜ ମୁକ୍ତି ମୋର୍ଚ୍ଚା ସମର୍ଥିତ ପାଟଣାଗଡ଼ ବିଧାନସଭା ପାଇଁ ପ୍ରାର୍ଥୀ ହୋଇଛନ୍ତି। ଏନେଇ ପାଟଣାଗଡ଼ ସାରଦା ଲଜ ସଭାଗୃହରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କୋଶଳ ରାଏଜ ମୁକ୍ତି ମୋର୍ଚ୍ଚାର କର୍ମକର୍ତ୍ତାମାନେ ଘୋଷଣା କରିଛନ୍ତି। କିଛି ମାସ ପୂର୍ବରୁ ବଳରାମ ବଗର୍ତ୍ତି ପାଟଣାଗଡ଼ ନିର୍ବାଚନ ମଣ୍ଡଳୀର ବେଲପଡ଼ା, ମଣ୍ଡଲ, ଖପ୍ରାଖୋଲ, ପାଟଣାଗଡ଼, ଯୋଗିମୁଣ୍ଡା, ଲରମ୍ଭା ଆଦି ଅଞ୍ଚଳରେ ତାଙ୍କ ସମର୍ଥକଙ୍କୁ ନେଇ ବିଭିନ୍ନ ଠ ରାଲି ଓ ସଭାସମିତି ମାନ କରି ଆସୁଥିଲେ। ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ତାଙ୍କୁ କୋଶଳ ମୁକ୍ତି ମୋର୍ଚ୍ଚାର ପାଟଣାଗଡ଼ ବିଧାୟକ ପ୍ରାର୍ଥୀ ଭାବେ ଘୋଷଣା କରାଯାଇଥିଲା। ଏହି ସମ୍ମିଳନୀରେ ପାଟଣାଗଡ଼ କୋଶଳ ରାଏଜ ମୁକ୍ତି ମୋର୍ଚ୍ଚାର ସଦସ୍ୟ ଡିଙ୍ଗର କୁମ୍ଭାର, ସୁବାସଚନ୍ଦ୍ର ଆଚାର୍ଯ୍ୟ, ଜଙ୍କସନ ନାଗ, ଶାନ୍ତନୁ ବୁଢ଼ିଆ, ବରଗଡ଼ ଜିଲ୍ଲା କୋଶଳ ରାଏଜ ମୁକ୍ତି ମୋର୍ଚ୍ଚାର ପ୍ରିତିସ ଦାସ, ନନ୍ଦନ ମହାନନ୍ଦ, ରମଣି ଦନ୍ତା, ଅନୁମାନ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ନିମ୍ନମାନର ମୋରମ ବିଛା ଘଟଣା, ବିଡିଓଙ୍କ ତଦନ୍ତ ନିର୍ଦ୍ଦେଶ

**ପାଟଣାଗଡ଼, ୧୦।୪ (ସମିସ):** ପାଟଣାଗଡ଼ ବ୍ଲକ ଘସିଏନ ପଞ୍ଚାୟତ ଛେଲିଖାଇ ଡୁଙ୍ଗୁରିରୁ ଛେଲିଖାଇ ଗାଁ ମୁଣ୍ଡରେ ଥିବା ପିଚୁ ରାସ୍ତାକୁ ସଂଯୋଗ କରୁଥିବା ମେଟାଲ ରାସ୍ତା ଉପରେ ହୋଇଥିବା ମୋରମ କାମ ନିମ୍ନମାନର ହୋଇଥିବା ଓ ଦାୟିତ୍ୱରେ ଥିବା ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ଅଜାଣତରେ କାମ ହୋଇଥିବା ନେଇ 'ସକାଳ' ରେ ଖବର ପ୍ରକାଶ ପାଇଥିଲା। ଏହାପରେ ବ୍ଲକ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏହି ଘଟଣାରେ ବିଡିଓ ସୁମନ ମିଞ୍ଜ ତଦନ୍ତ ନିର୍ଦ୍ଦେଶ ଦେଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ଛେଲିଖାଇ ଡୁଙ୍ଗୁରିରୁ ଛେଲିଖାଇ ଗାଁ ମୁଣ୍ଡ ପର୍ଯ୍ୟନ୍ତ ଘସିଏନ ପଞ୍ଚାୟତ ତରଫରୁ ମୋରମ ବିଛାଇବା କାମ ହୋଇଥିଲା। କାମ ନିମ୍ନମାନର ହୋଇଥବା ଯୋଗୁଁ ମେଟାଲ ଗୁଡିକ ବାହାରି ପଡ଼ିଥିବା ଦେଖିବାକୁ ମିଳିଥିଲା। ଅନ୍ୟପଟେ ବିଭାଗୀୟ ଯନ୍ତ୍ରୀ କାମ ବିଷୟରେ ଜାଣିନାହାନ୍ତି। କୌଣସି ନାମଫଳକ ମଧ୍ୟ ଦିଆଯାଇନାହିଁ। କାମ ହେବାର କିଛି ଦିନ ପରେ ମୋରମ ଠିକ ଭାବେ ପଡ଼ି ନ ଥିବା ଯୋଗୁଁ ରାସ୍ତାର ମେଟାଲ ଗୁଡିକ ବାହାରିପଡ଼ିଥିବା ଦେଖି ରାସ୍ତାରେ ଯାତାୟତ କରୁଥିବା ଲୋକ ଓ ଗ୍ରାମବାସୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟେ ଜଙ୍ଗଲ ବିଭାଗର ଅନୁମତି ନ ଆଣି ରାସ୍ତା କଡରେ ଥିବା ପ୍ରଶାସନର ପତ୍ରା ଜଙ୍ଗଲରୁ ବେଆଇନ ଭାବେ ମୋରମ ଉତ୍ତୋଳନ କରାଯାଇ ରାସ୍ତାରେ ବିଛାଯାଇଛି। ଏ ଘଟଣାରେ ତଦନ୍ତ କରାଯାଇ ବିହିତ ପଦକ୍ଷେପ ନେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ପାନୀୟ ଜଳ ପାଇଁ ଚୁଆ ଭରସା

**ସଇଁତଳା, ୧୦।୪(ସମିସ)**

ସଇଁତଳା ବ୍ଲକ କେରମେଲି ପଞ୍ଚାୟତ ଲାଚୁଟ ଗାଁରେ ପାଣି ସମସ୍ୟା ଦେଖାଦେଇଛି। ଗ୍ରାମବାସୀ ପିଇବା ପାଣି ପାଇଁ ଦୁଇ କିଲୋମିଟର ଦୂର ଲାବ ନଦୀର ବାଲି

**ଭୋଟ୍ ବର୍ଜନ କରିବେ ଲାଚୁଟବାସୀ**

ଚୁଆ ଉପରେ ନିର୍ଭର କରୁଛନ୍ତି। ଦୀର୍ଘ ବର୍ଷ ହେଲା ଏହି ସମସ୍ୟା ଲାଗି ରହିଥିବାବେଳେ ଗ୍ରାମବାସୀ ଜନପ୍ରତିନିଧି ତଥା ପ୍ରଶାସନ ନିକଟରେ ବହୁବାର କହିଥିଲେ ମଧ୍ୟ କିଛି ସୁଫଳ ମିଳିପାରୁ ନାହିଁ। ଯାହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଥିବା ବେଳେ ଆଗାମୀ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ପ୍ରକାଶ ଯେ, ଲାଚୁଟ ଗ୍ରାମରେ ଚାରି ଶହରୁ ଅଧିକ ପରିବାର ବସବାସ କରୁଛନ୍ତି। ଗ୍ରାମରେ ହାତ



ଗଣତି କେତୋଟି ନଳକୂପ ଥିବାବେଳେ ଅଧିକାଂଶ ସମୟରେ ତାହା ଅଚଳ ହୋଇ ପଡ଼ି ରହୁଛି। ଯଦ୍ୱାରା ଦୁଇ କିଲୋମିଟର ଦୂର ନଦୀକୁ ଯାଇ ବାଲି ଚୁଆ କରି ଗ୍ରାମର ପୁରୁଷ ଓ ମହିଳାମାନେ ପ୍ରଚଣ୍ଡ ଖରାରେ ପିଇବା ପାଣି ସଂଗ୍ରହ କରୁଥିବା ଦେଖାଯାଉଛି। ଗ୍ରାମରେ ଥିବା ଗୃହପାଳିତ ପ୍ରାଣୀ ମଧ୍ୟ ଏହି ପାଣି ପିଇଥାନ୍ତି। ଦୀର୍ଘ ବର୍ଷ ହେଲା ଏଭଳି ସମସ୍ୟା ଗାଁରେ ଲାଗିଥିଲେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷେପ ନେଉନାହିଁ। ଏଣୁ ପାନୀୟ ଜଳ ସମସ୍ୟାର ସମାଧାନ ନ ହେଲେ ଆଗାମୀ ସାଧାରଣ ନିର୍ବାଚନରେ ଗ୍ରାମବାସୀ ଭୋଟ ବର୍ଜନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ ବ୍ଲକ ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ଇତିଶ୍ରୀ ଦେହୁରୀଙ୍କୁପଚାରିବାରୁ, ବ୍ଲକର ବିଭିନ୍ନ ଅଞ୍ଚଳକୁ ପାନୀୟ ଜଳ ଯୋଗାଣ ପାଇଁ ରାଜ୍ୟ ସରକାର ଘୋଷଣା କରିଥିବା ବୃହତ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଲାଚୁଟ ଗ୍ରାମବାସୀ ପାଇପ ଯୋଗେ ପିଇବା ପାଣି ପାଇ ପାରିବେ ବୋଲି କହିଛନ୍ତି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ସଇଲା ବ୍ଲକର ବୃହତ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଯୋଜନାର ସଫଳ ରୂପାୟନ ପାଇଁ କନିଷ୍ଠ ଯନ୍ତ୍ରୀଙ୍କୁ ବାଲିଗୁଡ଼ାରୁ ସଇନ୍ତଲାକୁ ବଦଳି ହେବାର ଏକବର୍ଷରୁ ଅଧିକ ବିତିଯାଇଥିଲେ ମଧ୍ୟ ସେ କାର୍ଯ୍ୟରେ ଯୋଗଦେଇ ନାହାନ୍ତି। ତେଣୁ ଉକ୍ତ ଯୋଜନା କେବେ କାର୍ଯ୍ୟକାରୀ ହେବ ଓ ଲାଚୁଟ ଗ୍ରାମବାସୀଙ୍କୁ ପିଇବା ପାଣି କେବେ ମିଳିବ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## କଳାହାଣ୍ଡି ବିଜେପିକୁ ଲାଗିଛି ଗ୍ରହଣ ଦୋଷ

# ଦଳ ଛାଡ଼ିଲେ ଓବିସି ମୋର୍ଚ୍ଚା ଜିଲ୍ଲା ସଭାପତି ପ୍ରଦୀପ ନାଏକ

ଭବାନୀପାଟଣା, ୧୦।୪(ସମିସ)




କଳାହାଣ୍ଡି ବିଜେପିରେ ଏବେ ଗ୍ରହଣ ଦୋଷ ଲାଗିଥିବା ଭଳି ଜଣେ ପରେ ଜଣେ ବିଜେପି ନେତା ଦଳରୁ ମୁହଁ ଫେରାଇ ସ୍ୱାଧୀନ ପ୍ରାର୍ଥୀଭାବେ ନିର୍ବାଚନ ଲଢ଼ିବା ନିଷ୍ପତ୍ତି ନେଉଛନ୍ତି। ଫଳରେ ଦଳ ବିପଦ ଆଡକୁ ଠେଲି ହୋଇ ଯାଉଥିବା ଅନୁମାନ କରାଯାଉଛି। ପ୍ରବଳ ଗୋଷ୍ଠୀ କନ୍ଦଳ ବାଟରେ ପଡ଼ି ହାଟରେ ଗଢ଼ୁଛି। ବିଜେପିର ପ୍ରାର୍ଥୀ ଘୋଷଣା ପରେ ଅସନ୍ତୁଷ୍ଟ ତଥା ଆଶାୟୀ ପ୍ରାର୍ଥୀମାନେ ଲଗାତାର ଭାବେ ଦଳ ଛାଡୁଥିବା ବେଳେ ଆଗକୁ ଆହୁରି ବିଷମ ପରିସ୍ଥିତିକୁ ବିଜେପି ସାମ୍ନା କରିବ ବୋଲି କୁହାଯାଉଛି। ବୁଧବାର କଳାହାଣ୍ଡି ବିଜେପି ଓବିସି ମୋର୍ଚ୍ଚା ଜିଲ୍ଲା ସଭାପତି ପ୍ରଦୀପ କୁମାର ନାଏକ, କୋକସରାର ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ତଥା ଜିଲ୍ଲା ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ହେମାଙ୍ଗିନୀ ହଂସ ଏବଂ ନର୍ଲାର ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ତଥା ଆଦିବାସୀ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରୀଣୀ ସଦସ୍ୟ ସରୋଜ ମାଝୀ ଦଳ ଛାଡିଛନ୍ତି। ଏହାପୂର୍ବରୁ ମଙ୍ଗଳବାର ଭବାନୀପାଟଣା ବିଧାନସଭା ନିର୍ବାଚନମଣ୍ଡଳୀର ଯୁବ ନେତା ରୋହିତ ଦୁର୍ଗା ବିଜେପି ଛାଡିଥିଲେ। ଏପରି ଭାବେ ମାତ୍ର ଦୁଇ ଦିନ ମଧ୍ୟରେ ଭବାନୀପାଟଣା, ନର୍ଲା ଓ ଧର୍ମଗଡ଼ ତିନୋଟି ନିର୍ବାଚନମଣ୍ଡଳୀର ୪ ଜଣ ଆଗଧାଡ଼ିର ବିଜେପି ନେତା ଦଳ ଛାଡିଛନ୍ତି। ସେମାନଙ୍କ ମଧ୍ୟରୁ ରୋହିତ ଦୁର୍ଗା ଓ ପ୍ରଦୀପ ନାଏକ ସ୍ୱାଧିନ ଭାବେ ଲଢ଼ିବେ ବୋଲି ସ୍ପଷ୍ଟ କରିଛନ୍ତି। ଗତ କିଛିଦିନ ମଧ୍ୟରେ କଳାହାଣ୍ଡି ସଂସଦୀୟ କ୍ଷେତ୍ରର ଶତାଧିକ ବିଜେପି କର୍ମୀ ବିଜେଡ଼ିରେ ଯୋଗ ଦେଇ ସାରିଛନ୍ତି। ଯଦି ଏପରି ଧାରା ଜାରି ରୁହେ ତେବେ ବିଜେପିର ଶକ୍ତି କ୍ଷୟ ହୋଇ ଦଳକୁ ଦୁର୍ବଳ କରିବା ସମ୍ଭାବନାକୁ ଏଡାଇ ଦେଇ ହେବନାହିଁ। ବିଜେପିର ବିଦ୍ରୋହୀ ସଂଖ୍ୟା କ୍ରମଶଃ ବୃଦ୍ଧି ପାଉଥିବା ସମୟରେ ବିଜେଡ଼ିର ଲୋକସଭା ସାଂସଦ ପ୍ରାର୍ଥୀ ଏବଂ ୭ ଗୋଟି ବିଧାନସଭା ଆସନର ପ୍ରାର୍ଥୀଙ୍କ ଭୋଟ ମାତ୍ରା ଆଶାତୀତ ଭାବେ ବୃଦ୍ଧି ପାଇପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି।

**• ଦୁଇ ଦିନରେ ଦଳ ଛାଡ଼ିଛନ୍ତି ୩ ନିର୍ବାଚନମଣ୍ଡଳୀର ୪ ଛାମୁଆ ନେତା**

କଳାହାଣ୍ଡି ଜିଲ୍ଲା ବିଜେପି ଓବିସି ମୋର୍ଚ୍ଚା ସଭାପତି ପ୍ରଦୀପ କୁମାର ନାଏକ ନିଜ ସମର୍ଥକମାନଙ୍କ ସହ ବିଜେପି ଛାଡ଼ିଥିବା ଭବାନୀପାଟଣାର ଏକ ଘରୋଇ ହୋଟେଲରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ନର୍ଲାର ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଥିବା ଶ୍ରୀ ନାଏକ କଳାହାଣ୍ଡି ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି, କଳାହାଣ୍ଡି ଲୋକସଭା ସାଂସଦଙ୍କ ନର୍ଲା ପ୍ରତିନିଧି ପରି ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ ଥିଲେ। ପ୍ରଦୀପ ଇସ୍ତଫାର କାରଣ କହିଛନ୍ତି ଯେ ୨୦୨୪ ନିର୍ବାଚନରେ ସେ ନର୍ଲା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ସ୍ଥାନୀୟ ପ୍ରାର୍ଥୀ ଭାବରେ ବିଜେପି ଟିକେଟ ଆଶାୟୀ ଥିଲେ। କିନ୍ତୁ ଦଳ ତାଙ୍କୁ ଉପେକ୍ଷା କରିଥିବାରୁ ସେ ବାଧ ହୋଇ ଦଳ ଛାଡୁଛନ୍ତି। ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତର ଦେଇ ସେ ନର୍ଲା ବିଧାନସଭା ନିର୍ବାଚନମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବେ ବୋଲି ସ୍ପଷ୍ଟ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ନାଏକଙ୍କ ସହ ପୂର୍ବତନ ରୁପ୍ରା ମଣ୍ଡଳ ସଭାପତି ଉତ୍ତର ପଧାନ, ସର୍ଗିଗୁଡା ଶକ୍ତିକେନ୍ଦ୍ର ପ୍ରମୁଖ ଦେବରାଜ ନାଏକ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ତଥା ଆଦିବାସୀ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରୀଣୀ ସଦସ୍ୟ ସରୋଜ ମାଝୀ, ଯୁବନେତା ରୋହିତ ଦୁର୍ଗା, ପ୍ରେମନାଥ ନାଏକ ଓ ଅବିନାଶ ପଧାନ ମଞ୍ଚାସୀନ ଥିଲେ। ସେପଟେ ଭବାନୀପାଟଣା ନିର୍ବାଚନମଣ୍ଡଳୀର ବିଜେପି ପ୍ରାର୍ଥୀ ପ୍ରଦୀପ୍ତ ନାୟକ କେସିଙ୍ଗାରେ ଆଜି ପହଁଚି ଏକ ଶୋଭାଯାତ୍ରାରେ ଭବାନୀପାଟଣା ଅଭିମୁଖେ ଆସିଛନ୍ତି। ସମ୍ପୂର୍ଣ୍ଣ ସୁସ୍ଥ ଜଣା ପଡୁ ନ ଥିବା ପ୍ରଦୀପ୍ତ ଜୀର୍ଣ୍ଣ ଶରୀର ଓ କ୍ଷୀଣ ସ୍ୱର ସତ୍ତ୍ୱେ ନିର୍ବାଚନ ମଇଦାନକୁ ଦୀର୍ଘ ବର୍ଷର ବ୍ୟବଧାନ ପରେ ଫେରିଛନ୍ତି। ଆସନ୍ତା ନିର୍ବାଚନ ତାଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଥିବା ଜାରଣରୁ ସେ କିଭଳି ମୁକାବିଲା କରିବେ ଦେଖିବାକୁ ମିଳିବ।

## ବିଜେପିରୁ ଇସ୍ତଫା ଦେଲେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା



**ଧର୍ମଗଡ଼, ୧୦।୪(ସମିସ):** ଧର୍ମଗଡ଼ ନିର୍ବାଚନମଣ୍ଡଳୀ କୋକସରା ବ୍ଲକ ଜୋନ ୨ର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ତଥା ବିଜେପି ରାଜ୍ୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟା ହେମାଙ୍ଗିନୀ ହଂସ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫା ପତ୍ର ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ପଠାଇଛନ୍ତି। ଦୀର୍ଘ ବର୍ଷ ହେବ ସେ ଦଳରେ ରହି ତୃଣମୂଳ ସ୍ତରରେ କାର୍ଯ୍ୟ କରି ଆସୁଥିଲେ। ସେ ତାଙ୍କ ଇସ୍ତଫା ପତ୍ରରେ ଦଳ ପଛୁଆ ବର୍ଗପ୍ରତି ଅଣଦେଖା କରୁଥିବା ଉଲ୍ଲେଖ କରିଛନ୍ତି। ଜିଲ୍ଲାରେ ଭାରତୀୟ ଜନତା ପାର୍ଟିର ସାଙ୍ଗଠନିକ ଅଭିବୃଦ୍ଧି କ୍ଷେତ୍ରରେ ପଛୁଆ ବର୍ଗର ଭୂମିକା ଅଧିକ ଓ ଧର୍ମଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରେ ପଛୁଆ ବର୍ଗର ଜନସଂଖ୍ୟା ୬୦ ପ୍ରତିଶତ ଅଧିକ ରହିଥିବା ବେଳେ ଦଳୀୟ ଟିକଟ ଦେବାରେ ଦଳ ସଦାସର୍ବଦା ଅଣଦେଖା କରି କ୍ରମାଗତ ୪ଟି ନିର୍ବାଚନରେ ଉଚ୍ଚ ବର୍ଗକୁ ଟିକଟ ଦେଇ ପଛୁଆ ବର୍ଗ ପ୍ରତି ଅନ୍ୟାୟ କରିଛି। ଦୀର୍ଘ ୨୦ ବର୍ଷ ହେବ ପଛୁଆ ବର୍ଗର ପ୍ରାର୍ଥୀଙ୍କୁ ଟିକଟ ଦେବା ପାଇଁ ଦଳର ତୁଙ୍ଗ ନେତାମାନଙ୍କୁ ସେ ଜଣାଇଥିଲେ ମଧ୍ୟ ଗତ ୨୦୦୯ ନିର୍ବାଚନରେ ଜନାର୍ଦ୍ଦନ ପଣ୍ଡା, ୨୦୧୪ରେ ରବୀନ୍ଦ୍ର ପଟ୍ଟଯୋଷୀ, ୨୦୧୯ରେ କଳାହାଣ୍ଡି ରାଜପରିବାରରୁ ଅନନ୍ତ ପ୍ରସାଦ ସିଂଦେଓ ଓ ଚଳିତ ନିର୍ବାଚନରେ ସୁଧୀର ରଞ୍ଜନ ପଟ୍ଟଯୋଷୀଙ୍କୁ ଦଳ ଟିକେଟ ଦେଇଛି। ଯାହା ଫଳରେ ୨୦୦୯ଠାରୁ ଆଜି ପର୍ଯ୍ୟନ୍ତ ପଛୁଆ ବର୍ଗଙ୍କ ସ୍ୱପ୍ନ କେବଳ ସ୍ୱପ୍ନରେ ହିଁ ରହିଯାଇଛି ବୋଲି ହେମାଙ୍ଗିନୀ କ୍ଷୋଭ ପ୍ରକାଶ କରିଛନ୍ତି। ତେଣୁ ପଛୁଆ ବର୍ଗ ପ୍ରତି ହେଉଥିବା ଅନ୍ୟାୟ ପ୍ରତିବାଦରେ ସେ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ତାଙ୍କ ଇସ୍ତଫା ପତ୍ରରେ ଉଲ୍ଲେଖ କରିଛନ୍ତି।

## କିଆପଦର ସମିତି ସଭ୍ୟାଙ୍କ ଆତ୍ମହତ୍ୟା



**ଥୁଆମୂଳ ରାମପୁର, ୧୦।୪(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ କର୍ଲାପାଟ ଥାନା ଅଧିନସ୍ଥ କିଆପଦର ଗ୍ରାମ ପଞ୍ଚାୟତର ସାପମୁଣ୍ଡି ଗ୍ରାମର ସମିତି ସଭ୍ୟା ସରୋଜିନୀ ମାଝି (୩୨) ବିଷପାନ କରି ଆତ୍ମହତ୍ୟା କରିଛନ୍ତି। ଗତ ୮ ତାରିଖରେ ସରୋଜିନୀ ଅଚେତ ଅବସ୍ଥାରେ ଘରେ ପଡ଼ିଥିବା ଦେଖି ତାଙ୍କ ସ୍ୱାମୀ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଚିକିତ୍ସା ପରେ ତାଙ୍କ ଚେତା ଫେରିବାରୁ ସେ ବିଷପାନ କରିଥିବା ଡାକ୍ତରଙ୍କୁ କହିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ରାତି ସାଢ଼େ ୧୨ଟାରେ ସରୋଜିନୀଙ୍କ ମୃତ୍ୟୁ ହୋଇଥିଲା। ଡାକ୍ତରଖାନା ପକ୍ଷରୁ ପୁଲିସକୁ ସୂଚନା ଦେବାରେ କର୍ଲାପାଟ ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ବିଜୟରାଜ ମାଝୀ ସୂଚନା ଦେଇଛନ୍ତି।

## କଳମପୁର ଥାନା ଅଞ୍ଚଳରେ ପୁଲିସର ଫ୍ଲାଗ୍‌ମାର୍ଚ୍ଚ



**କଳମପୁର, ୧୦।୪(ସମିସ):** ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି କଳମପୁର ଥାନା ଅଞ୍ଚଳରେ ପୁଲିସ ପକ୍ଷରୁ ବୁଧବାର ଅପରାହ୍ନରେ ଫ୍ଲାଗମାର୍ଚ୍ଚ କରାଯାଇଛି। କଳମପୁର ଥାନା ଅଧିକାରୀ ପ୍ରଦୀପ୍ତ କୁମାର କାନୁନଗୋଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ବିଏସ୍‌ଏଫ୍ ଯବାନ ଓ କଳମପୁର ପୁଲିସର ମିଳିତ ଉଦ୍ୟମରେ କଳମପୁର ସହର ପରିକ୍ରମା ସହ ଫ୍ଲାଗମାର୍ଚ୍ଚ କରିଥିଲେ। ପୁଲିସ ପ୍ରତି ସମ୍ବେଦନଶୀଳ ଓ ଶୃଙ୍ଖଳିତ ନିର୍ବାଚନ ଆଦର୍ଶ ଆଚରଣବିଧି ଉପରେ ଜନସାଧାରଣଙ୍କୁ ଅବଗତ କରିବା ମୂଳ ଲକ୍ଷ୍ୟ ଥିଲା। ଏହି ଫ୍ଲାଗମାର୍ଚ୍ଚରେ ସବ୍ ଇନ୍ସପେକ୍ଟର ଡୋଳାମଣି ବିଶି, ବଡକୁଟ୍ରୁ ଫାଣ୍ଡି ଅଧିକାରୀ ଶିବ ଶଙ୍କର ମହାନ୍ତି, ଏଏସଆଇ ଶେଖର ଜେନା ଫ୍ଲାଗମାର୍ଚ୍ଚରେ ଅଂଶଗ୍ରହଣ କରିଥିଲେ।

## ଡ୍ରେନରେ ଢାଙ୍କୁଣୀ ନାହିଁ

# ପ୍ରତିବାଦରେ ପୂର୍ତ୍ତ କାର୍ଯ୍ୟାଳୟ ଘେରଉ କଲେ ଲୋକେ



**ଧର୍ମଗଡ଼, ୧୦।୪(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟ ପରିସରରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ବିଭାଗ (ଏମସିଏଚ୍) ସମ୍ମୁଖରେ ଥିବା ଡ୍ରେନ ମୁକୁଳା ପଡ଼ିଥିବାରୁ ପ୍ରତି କ୍ଷଣରେ ବିପଦ ଆଶଙ୍କା ରହିଛି। ଡ୍ରେନ ଉପରେ ଢାଙ୍କୁଣି ଦାବି କରି ବୁଧବାର ସ୍ଥାନୀୟ ଜନସାଧାରଣ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ଘେରଉ କରିଛନ୍ତି। ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟ ପରିସରରେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଏମସିଏଚ୍ ସମ୍ମୁଖରେ ଥିବା ଡ୍ରେନ ଖୋଲା ରହିଥିବାରୁ ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣାମାନ ଘଟୁଛି। ଡ୍ରେନ ଉପରେ ଢ଼ାଙ୍କୁଣି ଦେବା ପାଇଁ ବାରମ୍ବାର ଦାବି କରୁଥିଲେ ମଧ୍ୟ ପୂର୍ତ୍ତ ବିଭାଗ କର୍ଣ୍ଣପାତ କରୁନାହାନ୍ତି ବୋଲି ଅଭିଯୋଗ କରି ଧର୍ମଗଡ଼ ଜଗନ୍ନାଥ ସେବା ସମିତି ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲଙ୍କ ନେତୃତ୍ୱରେ ସ୍ଥାନୀୟ ଜନସାଧାରଣ ପୂର୍ତ୍ତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣ ଓ ପ୍ରତିବାଦ କରିଥିଲେ। ପ୍ରକାଶଥାଉକି ନିମ୍ନମାନର କାର୍ଯ୍ୟ ଯୋଗୁ ସାମାନ୍ୟ ବର୍ଷା ହେଲେ କୋଠାରୁ ପାଣି ଗଳୁଛି। ଏପରିକି ସ୍ଥାନୀୟ ଜନସାଧାରଣ ପୂର୍ତ୍ତ ଏସଡିଓଙ୍କୁ ତୁରନ୍ତ ବଦଳି ପାଇଁ ଦାବି କରିଛନ୍ତି।

## • ଜମି କିଣାବିକା ଜାଲିଆତି ପ୍ରସଙ୍ଗ

# କୋର୍ଟ ଚାଲାଣ ହେଲେ ୨ ଅଭିଯୁକ୍ତ

**କଳମପୁର, ୧୦।୪(ସମିସ):** କଳମପୁର ତହସିଲ କାର୍ଯ୍ୟାଳୟରେ ଜାଲିଆତିରେ ପ୍ରସ୍ତୁତ କରିଥିବା ଉତ୍ତରାଧିକାରୀ ପ୍ରମାଣପତ୍ରରେ ଜମି ରେଜିଷ୍ଟ୍ରେସନ କରିବା ବିକ୍ରେତା ଓ ମଧ୍ୟସ୍ଥିଙ୍କୁ ମହଙ୍ଗା ପଡ଼ିଛି। ଏଭଳି କାର୍ଯ୍ୟକରି ଧରା ପଡ଼ିବା ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। କଳମପୁର ଥାନା ମିନଗୁର ଗ୍ରାମର ଟିକେଶ୍ୱର ନାଗ ଜମି ବିକ୍ରି ନିମନ୍ତେ ଉଦ୍ୟମ କରିଥିଲେ, ଏଥିପାଇଁ ମଧ୍ୟସ୍ଥି ସାଜିଥିଲେ କଳମପୁର ବ୍ଲକ ଅନ୍ତର୍ଗତ ବାଗପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭବାନୀ ଶଙ୍କର ପଣ୍ଡା। ଦୁହେଁ କାଗଜପତ୍ର ଯୋଗାଡ ସମୟରେ ଉତ୍ତରାଧିକାରୀ ପ୍ରମାଣପତ୍ରକୁ ଜାଲିଆତି କରି ଓକିଲ ମାଧ୍ୟମରେ କାଗଜପତ୍ର ପ୍ରସ୍ତୁତ କରି ରେଜିଷ୍ଟ୍ରେସନ ଅଫିସରଙ୍କ ନିକଟରେ ଦାଖଲ କରିଥିଲେ। ଯାଞ୍ଚ ସମୟରେ ଉତ୍ତରାଧିକାରୀ ପ୍ରମାଣପତ୍ର ଜାଲିଆତି ବୋଲି ଜଣାପଡ଼ିଥିଲା। ରେଜିଷ୍ଟ୍ରେସନ ଅଫିସର ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାକୁ ଗମ୍ଭିରତା ସହ ଗ୍ରହଣ କରି କଳମପୁର ତହସିଲଦାର ସ୍ମରଣୀକା ତୁଳ ପୁଲିସରେ ଅଭିଯୋଗ କରିଥିଲେ। ପୁଲିସ ଗତକାଲି ଉଭୟ ଅଭିଯୁକ୍ତଙ୍କୁ ଥାନାକୁ ଆଣି ଅଟକ ରଖିଥିଲା। ତଦନ୍ତ ପରେ ବୁଧବାର ଅଭିଯୁକ୍ତ ଦ୍ୱୟଙ୍କୁ ଡାକ୍ତରୀ ପରୀକ୍ଷା କରାଯିବା ପରେ କୋର୍ଟ ଚାଲାଣ କରିଛନ୍ତି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ହାଜତକୁ ପଠାଯାଇଥିବା ପୁଲିସ ଠାରୁ ଜଣାପଡ଼ିଛି। ଥାନା ଅଧିକାରୀ ପ୍ରଦିପ୍ତ କୁମାର କାନୁନଗୋ ଏହାର ତଦନ୍ତ କରିଥିବା ବେଳେ ଅଭିଯୁକ୍ତମାନଙ୍କ ବିରୁଦ୍ଧରେ କଳମପୁର ଥାନା ରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## କେସିଙ୍ଗାରେ ବିଜେପି ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କ ବାଇକ୍ ଶୋଭାଯାତ୍ରା

**କେସିଙ୍ଗା, ୧୦।୪(ସମିସ):** ଭବାନୀପାଟଣା ନିର୍ବାଚନମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ପ୍ରଦୀପ୍ତ ନାଏକ ଓ ଲୋକସଭା ପ୍ରାର୍ଥୀ ମାଳବିକା ସିଂଦେଓଙ୍କୁ ଗୁରୁବାର ଅମାଠ ଓ କେସିଙ୍ଗାଠାରେ କର୍ମୀଙ୍କ ଦ୍ୱାରା ସ୍ୱାଗତ କରାଯାଇଛି। ପ୍ରକାଶ ଥାଉକି ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ବିଧାୟକ ଶ୍ରୀ ନାୟକ ଗତ ଚାରି ବର୍ଷ ହେଲା ଅସୁସ୍ଥତା ଯୋଗୁ କୌଣସି ଅଞ୍ଚଳ ଯାଇ ନ ଥିଲେ। ଚଳିତ ନିର୍ବାଚନ ପରିପ୍ରେକ୍ଷୀରେ ଆଜି ତାଙ୍କର ପ୍ରଥମ ରାଜନୈତିକ ଶୋଭାଯାତ୍ରାରେ ସାମିଲ ହୋଇଛନ୍ତି। କେସିଙ୍ଗା ନୂଆ ବସଷ୍ଟାଣ୍ଡ ଠାରୁ ଏକ ମୋଟର ସାଇକେଲ ଶୋଭାଯାତ୍ରାରେ ରାଣୀ ମାଳବିକା ଓ ଶ୍ରୀ ନାଏକ ଆସି ମା' ଅମ୍ବାଜି ମନ୍ଦିରରେ ଦର୍ଶନ କରିଥିଲେ। ଏହି ଶୋଭାଯାତ୍ରାରେ ପୂର୍ବତନ ସାଂସଦ ଅର୍କକେଶରୀ ଦେଓ, ଅନାମ ନାଏକ, କେସିଙ୍ଗା ନଗର ବିଜେପି ସଭାପତି ମଗନ୍ ସିନ୍ଦୂର, ସମ୍ପାଦକ ସନ୍ତୋଷ ଦାସ, ବସନ୍ତ ପୁରୋହିତ, ବିଜେପି ମିଡ଼ିଆ ସେଲ ପ୍ରମୁଖ ପ୍ରୀତେଶ ପଟେଲ, ପୂର୍ବତନ ନଗରପାଳ ସରିତା ସିନ୍ଦୂର, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ନମିତା ରାଣୀ ସାହୁ, ପୂର୍ବତନ ନଗର ସଭାପତି ପ୍ରଶାନ୍ତ ବାନାର୍ଜୀ, ସତ୍ୟବ୍ରତ ଦାସ, ପୂର୍ବତନ ବିଧାୟକ ପ୍ରତିନିଧି ସଞ୍ଜୟ ଅଗ୍ରୱାଲ, ଯୁବ ନେତା ଅରୁଣ ଅଗ୍ରୱାଲ, ଗୋବିନ୍ଦ ବନଛୋର, ସୁଶାନ୍ତ ସୁନାଙ୍କ ସମେତ ଅନେକ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ।




## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ



**ଭବାନୀପାଟଣା, ୧୦।୪(ସମିସ):** ଭବାନୀପାଟଣା ବ୍ରଜବିହାରସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ଠାରେ ଚୈତ୍ର ପ୍ରତିପଦା ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷକ ତଥା ଶିକ୍ଷାବିକାଶ ସମିତିର ପୁରାତନ ପ୍ରାନ୍ତ ସଂଗଠକ ଚକ୍ରଧର ଠାକୁର ଯୋଗ ଦେଇଥିଲେ। ପ୍ରାରମ୍ଭରରେ ଶିଶୁ ଭାଇଭଉଣୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଛାତ୍ରଛାତ୍ରୀମାନେ ଦିବସ ସମ୍ପର୍କରେ ସେମାନଙ୍କ ବକ୍ତବ୍ୟ ରଖିଥିଲେ। ରଶ୍ମିତା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କୌସ୍ତୁଭମଣି ବାଗ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅୟସକାନ୍ତ ପତି ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ। ପ୍ରଧାନାଚାର୍ଯ୍ୟ କୁଞ୍ଜବିହାରୀ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହିନ୍ଦୁ ନବବର୍ଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଏଡ୍‌ସ ନିରାକରଣ ସଚେତନତା ଶିବିର

**ଭବାନୀପାଟଣା, ୧୦।୪(ସମିସ):** ବିକାଶ ଗ୍ରୁପ ତରଫରୁ ସ୍ଥାନୀୟ ଟାଉନହଲ୍ ଠାରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏଚଆଇଭି/ଏଡ଼ସ୍ ସମ୍ପର୍କରେ ବିଭିନ୍ନ କଲେଜର ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡ଼.ତୃପ୍ତି ମିଶ୍ର (ଷ୍ଟେଟ ଏମ୍‌ଏଚ ଆଣ୍ଡ ଇଏମ୍‌ଟିସିଟି କନ୍‌ସଲଟାଣ୍ଟ) ଯୋଗ ଦେଇଥିଲେ। ନିମନ୍ତ୍ରିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କାଉନ୍‌ସେଲର ଆଇସିଟିସି ଓ ଡ଼ିଏସ୍‌ଆର୍‌ସି ମାନସ ମିଶ୍ର, ଏଡ଼ିପିଓ ପ୍ରତାପ ଚନ୍ଦ୍ର ଦାସ, ଜିସିଏବି (ୱାଇଆର୍‌ସି) ସଂଜୀବ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବିକାଶ ଗ୍ରୁପ୍ ନିର୍ଦ୍ଦେଶକ ଡ଼ି. ରାମ କୁମାର ଓ ଆଇଟି ଏଣ୍ଡ ମ୍ୟାନେଜମେଣ୍ଟ ଅଧ୍ୟକ୍ଷା ସୁଦୀପ୍ତ ଜାନା, ବିଜ୍ଞାନ ବିଭାଗ ଅଧ୍ୟକ୍ଷ ଆଦିତ୍ୟ ପଟ୍ଟନାୟକ, ଯୁକ୍ତ ଦୁଇ ଅଧ୍ୟକ୍ଷ ଯୁବରାଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିକାଶ ନର୍ସିଂ ମହାବିଦ୍ୟାଳୟର ଅଧ୍ୟକ୍ଷା କେ. ଜୟଶ୍ରୀ ଏହି ଆୟୋଜନର ମୁଖ୍ୟ ଉଦ୍ୟୋକ୍ତା ଥିଲେ।



ଏହି କାର୍ଯ୍ୟକ୍ରମକୁ ବିକାଶ ନର୍ସିଂ ମହାବିଦ୍ୟାଳୟର ଅଧ୍ୟାପିକା ଶିଖା ସୋନାଲି ଇକ୍କା ପରିଚାଳନା କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ବିଭିନ୍ନ କଲେଜରୁ ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିକାଶ ଶିକ୍ଷାନୁଷ୍ଠାନ ତରଫରୁ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।

## ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ

**କଳମପୁର, ୧୦।୪(ସମିସ):** କଳମପୁର ପ୍ରାଥମିକ କୃଷି ସମବାୟ ସମିତି କାର୍ଯ୍ୟାଳୟଠାରେ ଜଣେ କର୍ମଚାରୀ ଚାକିରିରୁ ଅବସରଗ୍ରହଣ କରିଥିବାବେଳେ ତାଙ୍କୁ ବୁଧବାର ସମ୍ବର୍ଦ୍ଧନା ଦିଆଯାଇଛି। ଏହି ସମ୍ବର୍ଦ୍ଧନା ସମାରୋହରେ ପାକ୍ସ ସଭାପତି ଶଙ୍କର୍ଷଣ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ କାର୍ଯ୍ୟନିର୍ବାହୀ କ୍ଷେତ୍ର ମୋହନ ବାଗ ମଞ୍ଚ ପରିଚାଳନା କରିଥିଲେ। ଦୀର୍ଘ ୪୨ ବର୍ଷ କଳମପୁର ପ୍ରାଥମିକ କୃଷି ସମବାୟ ସମିତିରେ ସ୍ୱଳ୍ପ ବେତନ ପାଇ ମଧ୍ୟ ନିଜର ସେବା ମନୋଭାବ ନିଷ୍ଠାପର ଭାବେ କର୍ତ୍ତବ୍ୟ ସମ୍ପାଦନ କରିଥିଲେ ଶ୍ରୀ ଉଗ୍ରେସନ ବାଗ। ଏଥିରେ କେନ୍ଦ୍ର ସମବାୟ ବ୍ୟାଙ୍କ କଳମପୁର ଶାଖା ପରିଚାଳକ ଅନମୋଲ ଖଜୁର ଯୋଗ ଦେଇଥିଲେ। ସମିତିର ନିର୍ଦ୍ଦେଶକ ମହେନ୍ଦ୍ର ସାହୁ, ବିପିନ ପ୍ରଧାନୀ, ସୁମନ୍ତ ମିଶ୍ର, ପ୍ରଭାସ ବାଗ, ପବନ ମାଝୀ, ଘନଶ୍ୟାମ ନାଏକ, ସୁଧୀର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସମିତି ସହ ସମ୍ପାଦକ ନଗେନ୍ଦ୍ର ନେଗୀ, ଡିଇଓ କ୍ଷୀରୋଦ ନାଏକ, ସଚିନ ମିଶ୍ର, ତାପସ ନାଏକ, ଚୁଡ଼ାମଣି ବାଗ, ଏକେଶ୍ୱର ପାତ୍ର, ପୌରସ ନାଗ, ଜୟନ୍ତ ବାଗଙ୍କ ସମେତ ସମସ୍ତ କର୍ମଚାରୀ, ଇଶାନ ମିଶ୍ର, ଅକ୍ଷୟ ନାଗ, ଅଶ୍ୱିନ ପୂଝାରି, କ୍ଷେତ୍ର ପରିଦର୍ଶକ ହରିଶଙ୍କର ବାଗ ଓ ବ୍ୟାଙ୍କ କର୍ମଚାରୀ ଉପସ୍ଥିତ ଥିଲେ।

# ବେଦାନ୍ତର 'ପ୍ରୋଜେକ୍ଟ ପଞ୍ଛି' ଆରମ୍ଭ

ଭବାନୀପାଟଣା, ୧୦।୪(ସମିସ)



ବେଦାନ୍ତ ଲିମିଟେଡ୍, ଭାରତର ସ୍ମେଲଟର ଗ୍ରେଡ୍ ଆଲୁମିନା ଉତ୍ପାଦକ ତଥା ବେଦାନ୍ତ ଆଲୁମିନିୟମର ଏକ ୟୁନିଟ୍। ଏହାର ଅନନ୍ୟ ନିଯୁକ୍ତି ଡ୍ରାଇଭ୍ 'ପ୍ରୋଜେକ୍ଟ ପଞ୍ଛି'ର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ କରିଛି। ଦେଶବ୍ୟାପୀ ଅଣସଂରକ୍ଷିତ ସମ୍ପ୍ରଦାୟର ୧୦୦୦ ବାଳିକାଙ୍କ ଜୀବନ ଧାରଣରେ ପରିବର୍ତ୍ତନ ଆଣିବାକୁ ଲକ୍ଷ୍ୟ ରଖିଛି। ସାମାଜିକ-ଅର୍ଥନୈତିକ ପ୍ରତିବନ୍ଧକ ହେତୁ ଅଧିକ ଅଧ୍ୟୟନ ଏବଂ ଏକ ପୂର୍ଣ୍ଣ କ୍ୟାରିୟର ଛାଡ଼ିବାର ସମ୍ଭାବନା ରହିଛି। ଏହି ପ୍ରକଳ୍ପର ଏକ ଅଂଶ ଭାବରେ ପ୍ରାର୍ଥୀମାନେ ଅଗ୍ରଣୀ ଶିକ୍ଷାନୁଷ୍ଠାନଗୁଡିକରେ ସେମାନଙ୍କର ଉଚ୍ଚଶିକ୍ଷା ପାଇଁ ଆର୍ଥିକ ସହାୟତା ପାଇବା ସହିତ ଶିକ୍ଷା ସମାପ୍ତ ହେବା ପରେ ବେଦାନ୍ତ ମଧ୍ୟରେ ଚାକିରି କରିବାର ସୁଯୋଗ ମଧ୍ୟ ରହିଛି।

ଗତ ବର୍ଷ ଏହି ପ୍ରକଳ୍ପ ଆରମ୍ଭ ହେବା ପରଠାରୁ ବେଦାନ୍ତ ଲାଞ୍ଜିଗଡ଼ ୬୦ରୁ ଅଧିକ ବାଳିକାଙ୍କୁ ନିଯୁକ୍ତି ପାଇଁ ଚିହ୍ନଟ କରିଥିଲେ। ଯେଉଁମାନେ ସେମାନଙ୍କ ପରିବାରର ପ୍ରଥମ ଶିକ୍ଷିତ ଅଟନ୍ତି। ଏକ ପୁଙ୍ଖାନୁପୁଙ୍ଖ ପର୍ଯ୍ୟାୟ ଅନୁଯାୟୀ ନିଯୁକ୍ତି ପ୍ରକ୍ରିୟାକୁ ଆଧାର କରି କମ୍ପାନୀ ରାୟଗଡ଼ା ଏବଂ କଳାହାଣ୍ଡି ଜିଲ୍ଲାଗୁଡିକରେ ସଠିକ୍ ପ୍ରାର୍ଥୀ ଚିହ୍ନଟ କରିଛି। ପରବର୍ତୀ ସମୟରେ ମନୋନୀତ ପ୍ରାର୍ଥୀମାନେ କମ୍ପାନୀର ବରିଷ୍ଠ କାର୍ଯ୍ୟନିର୍ବାହୀମାନଙ୍କ ସହିତ ଏକ ବ୍ୟାପକ ଆଭିମୁଖ୍ୟ ପ୍ରକ୍ରିୟାକୁ ଅନୁସରଣ କରିଥାନ୍ତି। ଆଜି ପର୍ଯ୍ୟନ୍ତ ବେଦାନ୍ତ ଆଲୁମିନିୟମ୍ ଏହି ପରିବର୍ତ୍ତନଶୀଳ ପଦକ୍ଷେପର ଏକ ଅଂଶ ଭାବରେ ଲାଞ୍ଜିଗଡ଼, ଝାରସୁଗୁଡ଼ା, କୋରବା ଏବଂ ସୁନ୍ଦରଗଡ଼ରେ ଦୂର ସମ୍ପ୍ରଦାୟରୁ ୨୩୦ରୁ ଅଧିକ ବାଳିକାଙ୍କୁ ଚିହ୍ନଟ କରିଛି।

ଏହି ପ୍ରକଳ୍ପର ମହତ୍ତ୍ୱ ବିଷୟରେ ପ୍ରକାଶ କରି ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ, ସିଇଓ ଆଲୁମିନା ବ୍ୟବସାୟ ବେଦାନ୍ତ ଆଲୁମିନିୟମ କହିଛନ୍ତି ଯେ ଅଧ୍ୟକ୍ଷ ଅନିଲ ଅଗ୍ରୱାଲଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶନାରେ ପ୍ରକଳ୍ପ ପଞ୍ଛି ବିକାଶ କରାଯାଇଛି। ଏହି ପରି ପଦକ୍ଷେପ ମାଧ୍ୟମରେ ବେଦାନ୍ତ ଲାଞ୍ଜିଗଡ଼ ଏହାର ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ଗଠନ କରୁଥିବା ବାଳିକାମାନଙ୍କୁ ସଶକ୍ତୀକରଣ ଉପରେ ଏକ ବିଶେଷ ଧ୍ୟାନ ଦେଇ ଏହାର କାର୍ଯ୍ୟକଳାପକୁ ସୁଦୂର ସମ୍ପ୍ରଦାୟର ସାମାଜିକ-ଅର୍ଥନୈତିକ ଦୃଶ୍ୟକୁ ବଢ଼ାଇବାକୁ ଚେଷ୍ଟା କରିଥାଏ। ସେମାନଙ୍କୁ ଉତ୍କର୍ଷ କରିବା ପାଇଁ ମହତ୍ତ୍ୱପୂର୍ଣ୍ଣ ସୁଯୋଗ ପ୍ରଦାନ କରି କେବଳ ଅଧ୍ୟକ୍ଷଙ୍କ ଆଦେଶ ପାଳନ କରୁନାହୁଁ ବରଂ ଏକ ପରିବର୍ତ୍ତନଶୀଳ ଯାତ୍ରା ପାଇଁ ବାଟ ମଧ୍ୟ ପ୍ରସ୍ତୁତ କରୁଛୁ ଯାହା ଆମର କାର୍ଯ୍ୟକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସକରାତ୍ମକ ପରିବର୍ତ୍ତନ ଆଣିବାକୁ ପ୍ରତିଜ୍ଞା କରିଛି ବୋଲି କହିଥିଲେ। ଦିଲୀପ ସିହ୍ନା, ସିଏଚ୍‌ଆରଓ, ବେଦାନ୍ତ ଆଲୁମିନିୟମ୍ କହିଛନ୍ତି ଯେ ପ୍ରୋଜେକ୍ଟ ପଞ୍ଛି ଆମର ଗତିଶୀଳ କାର୍ଯ୍ୟଶୈଳୀ ମଧ୍ୟରେ ବିବିଧତା, ସମାନତା ଏବଂ ଅନ୍ତର୍ଭୁକ୍ତ କରିବା ପାଇଁ ଆମ କମ୍ପାନୀର ଅଦମ୍ୟ ପ୍ରତିବଦ୍ଧତା ସହିତ ଘନିଷ୍ଠ ଅଟେ। ଆମେ ଦୃଢ ଭାବରେ ବିଶ୍ୱାସ କରୁ ଯେ କ୍ୟାରିଅର୍ ପୂରଣ କରିବା ପାଇଁ ଏହି ଝିଅମାନେ ଆଗେଇ ଆସିବେ ଏବଂ ସେମାନଙ୍କର ସମ୍ପ୍ରଦାୟଗୁଡିକରେ ଅନ୍ୟମାନଙ୍କୁ ପ୍ରେରଣା ଦେବେ।

# ଚେଇଁ ଶୋଇଛି ଅବକାରୀ ବିଭାଗ

**ସିନାପାଲି, ୧୦।୪(ସମିସ)**

ଆଉ କିଛି ଦିନ ପରେ ସାଧାରଣ ନିର୍ବାଚନ। ଏହାକୁ ଆଖି ଆଗରେ ରଖି ପ୍ରଶାସନ ତରଫରୁ ପଦକ୍ଷେପ ନେଇ ମୁକ୍ତ, ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ପାଇଁ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଉଛି। ଏପରିକି ବେଆଇନ ନିଶା କାରବାର ରୋକିବା ଦିଗରେ ଅବକାରୀ ବିଭାଗକୁ କଡ଼ା ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି; ହେଲେ ସିନାପାଲି ଅଞ୍ଚଳରେ ଅବାଧରେ ନିଶା କାରବାର ଚାଲିଛି। ଅବକାରୀ ବିଭାଗ ସବୁ ଜାଣି ଶୁଣି ହାତ ବାନ୍ଧି ବସିଛି। ସିନାପାଲି ଅଞ୍ଚଳର ବିଭିନ୍ନ ଗାଁ ଗଣ୍ଡାରେ ରାସାୟନିକ ଦ୍ରବ୍ୟ ମିଶ୍ରଣ ବିଷାକ୍ତ ଖଜୁରି ତାଡି ବିକ୍ରି ହେଉଛି। ଏହାକୁ ସେବନ କରି ଗାଁ ଗଣ୍ଡାରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ସାଙ୍ଗକୁ ଗଣ୍ଡଗୋଳ ହେଉଥିବା ନୀତି ଦିନିଆ ଘଟଣା ପାଲଟିଛି। ଏ ବିଷୟରେ ଅବକାରୀ ବିଭାଗକୁ ଅଞ୍ଚଳର ବୁଦ୍ଧିଜୀବୀ ଅଭିଯୋଗ କରୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସିନାପାଲି ଅଞ୍ଚଳରେ ଆନ୍ଧ୍ର ପ୍ରଦେଶ ଓ ତେଲେଙ୍ଗାନାର ଅସାଧୁ ବେପାରୀ ଆସି ଏଠାରେ ଡେରା ପକାଇ ଏହି କାର୍ଯ୍ୟ ଚଳାଇଛନ୍ତି। ଏମାନଙ୍କୁ ପରୋକ୍ଷରେ ଅବକାରୀ ବିଭାଗ ସାହାଯ୍ୟ କରୁଥିବାରୁ ଅନାୟସରେ ବେନିୟମ ଭାବରେ ବିକ୍ରି କରି ମାଲେମାଲ ହେଉଥିବା ବେଳେ ମାସିକ ବଟି ନେଇ ଅବକାରୀ ବିଭାଗ ଚୁପ ରହୁଥିବା ସାଧାରଣରେ ଅଭିଯୋଗ ହେଉଛି। ସିନାପାଲି ଅଞ୍ଚଳର ସୀମାନ୍ତରେ ଥିବା କସେଇପାଣି, ଧିଙ୍ଗିଆମୁଣ୍ଡା, ହଳଦୀମୁଣ୍ଡା, ସିଙ୍ଗଝର, ଡଙ୍ଗରୀଗୁଡ଼ା, କଇଁଟପଦର, ମହେଶ୍ୱର, ଭରୁଆମୁଣ୍ଡା, ଫୁଲଚି, ନଙ୍ଗଲବୋଡ, ଟଙ୍କାମାଳ, ତାଲାକୋଟ ସମେତ ଅନେକ ଗ୍ରାମରେ ବେନିୟମ ଭାବରେ ବିଷାକ୍ତ ଖଜୁରୀ ତାଡ଼ି ବିକ୍ରି ହେଉଛି। ନିର୍ବାଚନ ପରିଚାଳନା ସ୍ୱଚ୍ଛ କରିବା ପାଇଁ ଅସାଧୁ ବେପାରୀଙ୍କୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ରହିଥିବା ବେଳେ ଏଠାରେ କେବଳ ନାମକୁ ମାତ୍ର ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ବେପାରୀମାନଙ୍କଠାରେ ହଜାର ହଜାର ଲିଟର ବିଷାକ୍ତ ତାଡ଼ି ରହିଥିବା ବେଳେ ଅବକାରୀ ବିଭାଗ ସଲା ସୁତୁରା କରି ୭/୮ ଲିଟର ଥିବା ଦର୍ଶାଇ ମାମଲା ରୁଜୁ କରି ସେମାନଙ୍କୁ ଛାଡ଼ି ଦିଆଯାଉଛି। ଏହା ଫଳରେ ପୁଣି ସେମାନେ ଏହି କାରବାର କରି ଅଞ୍ଚଳରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଛନ୍ତି। ତେବେ ଏ ସମ୍ପର୍କରେ ସିନାପାଲି ଅବକାରୀ ଥାନା ଅଧିକାରୀ ସ୍ୱଚ୍ଛଲା ପାଢ଼ୀଙ୍କୁ ପଚାରିବାରୁ ଚଢ଼ଉ ଚାଲିଛି। ମାମଲା ରୁଜୁ କରାଯାଇଛି ବୋଲି ଉତ୍ତର ଦେଇ ଘଟଣାକୁ ହାଲୁକା ଭାବେ ନେଇଛନ୍ତି। ଖଜୁରୀ ତାଡ଼ି ବ୍ୟତୀତ ସିନାପାଲି ଅଞ୍ଚଳରେ ଅନେକ ନିଶା କାରବାର ବୃଦ୍ଧି ପାଉଛି। ଅବକାରୀ ବିଭାଗ ଏଥିପ୍ରତି ଆଦୌ ଦୃଷ୍ଟି ଦେଉ ନାହିଁ।




- ସିନାପାଲି ଅଞ୍ଚଳରେ ଅବାଧରେ ବିକ୍ରି ହେଉଛି ବିଷାକ୍ତ ଖଜୁରି ତାଡ଼ି
- ଆନ୍ଧ୍ର ବେପାରୀ ଅବକାରୀ ବିଭାଗର ଗେହ୍ଲାପୁଅ

## ଗୋଡାଲରେ ନନୀ ମା'ଙ୍କ ଚୈତ୍ର ପର୍ବ

# ରକ୍ତରଞ୍ଜିତ ହେଲା ପୀଠ

**ସିନାପାଲି, ୧୦।୪(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଗୋଡାଳ ଅଞ୍ଚଳର ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ମିଳନ ପର୍ବ ଚୈତ୍ର ମହା ସମାରୋହରେ ପାଳିତ ହୋଇଛି। ଏହି ପର୍ବ ଦେଖିବା ପାଇଁ ଆଖ ପାଖ ଅଞ୍ଚଳର ଶହ ଶହ ଭକ୍ତଙ୍କ ଭିଡ଼ ଜମିଥିଲା। ବୁଧବାର ପାରମ୍ପାରିକ ରୀତିନୀତି ଅନୁସାରେ ମା'ଙ୍କ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ଗୋଡାଳ ଗ୍ରାମ ଭିତରେ ଥିବା ଛତର ମନ୍ଦିରଠାରୁ ମା'ଙ୍କ ପାଲିଙ୍କି ଓ କାଳିସୀ ସବାର କଳସ ଧରି ଗ୍ରାମ ପରିକ୍ରମା କରିଥିଲେ। ସାଙ୍ଗରେ ଗ୍ରାମର ଆବାଳ ବୃଦ୍ଧ ବନିତା ସାମିଲ ରହି ମା'ଙ୍କ କୃପା ଲାଭ କରିଥିଲେ। ରାତିରେ ଡଙ୍ଗର ଗାଁ - ଗୋଡାଳ ମଧ୍ୟ ଭାଗରେ ଥିବା ଉତ୍ପତ୍ତି ସ୍ଥଳରେ ମା'ଙ୍କୁ ମାନସିକଧାରୀ ଭକ୍ତ ବଳି ଦେଇ ମଙ୍ଗଳ କାମନା କରିଥିଲେ। ମା'ଙ୍କ ପୀଠରେ ପାରା, କୁକୁଡ଼ା, ବୋଦା ବଳି ଦିଆ ଯାଇଥିଲା। ଏହା ଫଳରେ ପୀଠ ରକ୍ତ ରଞ୍ଜିତ ହୋଇଥିଲା।

କିମ୍ବଦନ୍ତୀ ଅନୁସାରେ ଗୋଡାଳ ଗ୍ରାମରେ କେଉଁ ଆବହମାନ କାଳରୁ ଆଦିବାସୀମାନେ ଏହି ପର୍ବକୁ ପାଳନ କରି ଆସୁଛନ୍ତି। ଜଣାଯାଏ ଯେ ତତ୍କାଳୀନ ସମୟରେ ସିଙ୍ଗଝର ଗ୍ରାମର ଗୌନ୍ତିଆ ଗଡ଼ ଦେବୀ ଭାବରେ ମା ବୁଢ଼ୀ ଠାକୁରାଣୀ ଓ ନନୀ ମା' ଙ୍କୁ ପୂଜା କରୁଥିଲେ। ବୁଢ଼ୀ ଠାକୁରାଣୀଙ୍କ ମନ୍ଦିରରେ ଗୌନ୍ତିଆଙ୍କ ଝିଅ ସେବା କାର୍ଯ୍ୟ କରିବା ସହ ମନ୍ଦିରର ଅନେକ ଦାୟିତ୍ୱ ତୁଲାଉଥିଲେ। ଏହି ଝିଅକୁ ପରବର୍ତ୍ତୀ ସମୟରେ ଗୋଡାଳ ଗ୍ରାମର ଗୌନ୍ତିଆଙ୍କ ପୁଅ ସହିତ ବାହା ଘର ହୋଇଥିଲା। ହେଲେ ସେହି ଝିଅ ସହିତ ନନୀ ମା' ଦେବୀ ଗୋଡାଳ ଗ୍ରାମକୁ ଚାଲି ଆସିଥିଲେ। ସିଙ୍ଗଝର ଗୌନ୍ତିଆ ଦେବୀଙ୍କୁ ଆଣିବାକୁ ଆସିଥିଲେ ମଧ୍ୟ ଯାଇ ନ ଥିଲେ। ଶେଷରେ ସିଙ୍ଗଝର ଗୌନ୍ତିଆଙ୍କ ପୂଜା ସାମଗ୍ରୀ ପ୍ରଥମେ ଆସିଲା ପରେ ପୂଜା କାର୍ଯ୍ୟ ଆରମ୍ଭ ହୋଇଥାଏ। ସୂଚନାଯୋଗ୍ୟ, ଏହି ପର୍ବ ଅବସରରେ ଅଞ୍ଚଳର ଜନସାଧାରଣ ବନ୍ଧୁ ବାନ୍ଧବ ନିମନ୍ତ୍ରିତ ହୋଇ ଆସିଥାନ୍ତି। ଯାହା ପରସ୍ପର ମଧ୍ୟରେ ମହା ମିଳନର ନିଦର୍ଶନ ଦେଖିବାକୁ ମିଳିଥାଏ।

# ମହାବିଷ୍ଣୁ ଯଜ୍ଞରେ ସାମିଲ ହେଲେ ସାଂସଦ ପ୍ରାର୍ଥୀ



**କୋକସରା, ୧୦।୪(ସମିସ) :** କଳୀକୃଷ୍ଣ ସଂଘର ପ୍ରତିଷ୍ଠାତା ସଦଗୁରୁ ସତ୍ୟାନନ୍ଦ ସରସ୍ୱତୀ ମହାରାଜାଙ୍କ ପ୍ରଦର୍ଶିତ ପଥ ଅନୁଯାୟୀ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଅନୁଷ୍ଠିତ ହୋଇଆସୁଛି ମହାବିଷ୍ଣୁ ଯଜ୍ଞ। ଏହି କ୍ରମରେ କୋକସରା ବ୍ଲକ ଆମପାଣି ପଞ୍ଚାୟତର କନ୍ଦାଗଡ଼ଠାରେ ଚାଲିଛି ନବକୁଣ୍ଡୀଅ ବିଶ୍ୱଶାନ୍ତି ମହାବିଷ୍ଣୁ ଯଜ୍ଞ। କଳୀକୃଷ୍ଣ ସଂଘର ପରିଚାଳକ ତଥା ଜଗନ୍ନାଥ ସଂସ୍କୃତିର ପ୍ରଚାରକ ସ୍ୱାମୀ ଜଗଦାନନ୍ଦଜୀଙ୍କ ତତ୍ତ୍ୱାବଧାନରେ ଏହି ବିଶାଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ବୁଧବାର କଳାହାଣ୍ଡି ବିଜେଡି ସାଂସଦ ପ୍ରାର୍ଥୀ ଲମ୍ବୋଦର ନିଆଲ ନିଜର ଶହ ଶହ ସମର୍ଥକଙ୍କ ଗ୍ରହଣରେ ଆସି ଯଜ୍ଞ କାର୍ଯ୍ୟରେ ଯୋଗଦାନ କରି ଭଗବାନଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ବିଜେଡ଼ି ପକ୍ଷରୁ କଳାହାଣ୍ଡି ଲୋକସଭା ନିର୍ବାଚନ ମଣ୍ଡଳୀର ସାଂସଦ ପ୍ରାର୍ଥୀ ଭାବେ ଲମ୍ବୋଦର ନିଆଲଙ୍କ ନାମ ଘୋଷଣା ହେବାପରେ ସେ ମାରାଥନ୍ ପ୍ରଚାରରେ ବାହାରି ପଡ଼ିଛନ୍ତି। ଇତି ମଧ୍ୟରେ ଶ୍ରୀନିଆଲ ନିଜ ସାଂସଦୀୟ କ୍ଷେତ୍ରର ୭ ଗୋଟି ନିର୍ବାଚନ ମଣ୍ଡଳୀ ମଧ୍ୟରୁ ୫ଗୋଟି ନିର୍ବାଚନ ମଣ୍ଡଳୀ ଗସ୍ତ କରି ସାରିଛନ୍ତି। ପୂର୍ବରୁ ଶତାଧିକ ଗ୍ରାମର ଦେବାଦେବୀ ପୀଠ, ଶୋହଳ ପ୍ରହର, ବିଶ୍ୱଶାନ୍ତି ମହାଯଜ୍ଞ ଆଦିରେ ଯୋଗଦାନ କରି ଆସୁଛନ୍ତି। ଏହି କ୍ରମରେ ସେ ଧର୍ମଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କନ୍ଦାଗଡ଼ ଗ୍ରାମରେ ଆୟୋଜିତ ହୋଇଥିବା ମହାବିଷ୍ଣୁ ଯଜ୍ଞରେ ଯୋଗଦେଇ ହଜାର ହଜାର ଅଞ୍ଚଳବାସୀଙ୍କ ସହ ଆଳାପ ଆଲୋଚନା କରିଥିଲେ। ତାଙ୍କ ସହ ଏହି ଯଜ୍ଞରେ ଯୁବନେତା ଡାକେଶ୍ୱର ଲହଜଳ, ଜିଲ୍ଲା ପରିଷଦ ସଭ୍ୟ ହେମନ୍ତ ମାଝୀ, ଆମପାଣି ସରପଞ୍ଚ ରୁକ୍ମଣୀ ବଣ୍ଣୁଆ, ଅଧକ୍ଷ ରତୁରାଜ ମାଝୀ, କ୍ଷେତ୍ରମୋହନ ମାଝୀ, ଅରକ୍ଷିତ ଭଇଁସାଲ, ଦୁଃଖୁରାମ କାଣ୍ଡ, ଅମରସିଂ ଖର୍ସେଲ, ତୁଳସୀ ରାମ ବାରିକ, ଭବେଶ ଗଇନ୍ତା, କ୍ଷୀରମୋହନ ପଟେଲ ପ୍ରମୁଖ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# କୁଆପଥର ମାଡ଼ରେ ଫସଲ ନଷ୍ଟ

**ନୂଆପଡ଼ା/କୋମନା, ୧୦।୪(ସମିସ):** କୋମନା ଅଞ୍ଚଳର ବିଭିନ୍ନ ସ୍ଥାନରେ କୁଆପଥର ମାଡ ହୋଇଛି। ଏଥିଯୋଗୁ ଫସଲ ନଷ୍ଟ ହୋଇଛି। ପନି ପରିବା ଓ ଡାଲି ଜାତୀୟ ଫସଲ ନଷ୍ଟ ହୋଇଛି। ଉଲଭା କଟାପଡ଼ା ଗାଁର ଚାଷୀଙ୍କ ୧୫ ଏକରରୁ ଅଧିକ ଜମିରେ ହୋଇଥିବା ପାତଲଘଣ୍ଟା, ବାଇଗଣ, ଫୁଲକୋବି, ବନ୍ଧାକୋବି ନଷ୍ଟ ହୋଇଛି। ସେହିଭଳି ମହୁଲଭଟା, ଟିକ୍ରାପଡ଼ା, ରେଙ୍ଗପଏଁର ଗାଁରେ ହୋଇଥିବା ମୁଗଚାଷ କୁଆପଥର ମାଡରେ ନଷ୍ଟ ହୋଇଛି। ଉଲଭା କଟାପଡ଼ା ଗ୍ରାମର ଉପାସୁ କଟାଙ୍କ ୨ ଏକର, ସୁକଲସିଂ କଟାଙ୍କ ୨ ଏକର, ପଣ୍ଡୁ କଟାଙ୍କ ୧ ଏକର, ଶତ୍ରୁଘ୍ନ କଟାଙ୍କ ୨ ଏକର, ବିଶ୍ୱାମିତ୍ର ୩ ଏକର, ଯୁଗେ କଟାଙ୍କ ୧ ଏକର, ସୁକଧର କଟାଙ୍କ ୩ ଏକର ଜମିରେ ହୋଇଥିବା ପନି ପରିବା ନଷ୍ଟ ହୋଇଛି।







# 'ଆବାସ' ହିତାଧିକାରୀଙ୍କୁ ବ୍ଲକରେ ମାନସିକ ନିର୍ଯାତନା

**କୋମନା, ୧୦।୪(ସମିସ):** ଗରିବଙ୍କୁ ସରକାର ଆବାସ ଯୋଜନା ଦେଇ ସୁଖ ଶାନ୍ତିରେ ରହିବା ବ୍ୟବସ୍ଥା କରୁଛନ୍ତି। ସରକାରୀ ବାବୁମାନଙ୍କ ଖାମଖିଆଲି ମନୋଭାବ ଯୋଗୁଁ କିନ୍ତୁ ହିତାଧିକାରୀ ଠିକ୍ ସମୟରେ ଗୃହ ନିର୍ମାଣ କିସ୍ତି ପାଉ ନାହାନ୍ତି। କୋମନା ବ୍ଲକ ମହୁଲଭଟା ଗ୍ରାମରେ ଏହାର ପ୍ରମାଣ ମିଳିଛି। ଏହି ଗାଁର ସପୁର ଜଗତ ୨୦୨୧-୨୨ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନିର୍ମାଣ ପାଇଁ ଚୟନ ହୋଇଥିଲେ। ତାଙ୍କୁ ୧୯।୬।୨୦୨୩ରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଅଦ୍ୟାବଧି କିନ୍ତୁ ଗୋଟିଏ କିସ୍ତି ମଧ୍ୟ ପାଇ ପାରି ନାହାନ୍ତି। ଏହା ଫଳରେ ସେ ଗୃହ ନିର୍ମାଣ କରିବାକୁ ସକ୍ଷମ ହୋଇ ପାରୁ ନାହାନ୍ତି। ଏ ନେଇ ସପୁର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଜଣାଇଥିଲେ ମଧ୍ୟ ବ୍ଲକ କର୍ତ୍ତୃପକ୍ଷ କିସ୍ତି ଦେବାରେ ପଦକ୍ଷେପ ଗ୍ରହଣ କରୁନାହାନ୍ତି; ବରଂ ବ୍ଲକକୁ ସେ ବାରମ୍ବାର ଯାଇ ହଇରାଣ ହେଉଥିବା କହିଛନ୍ତି।



# ଖଡ଼ିଆଳ ସହରରେ ଭାଲୁ ଆତଙ୍କ

**ଖଡ଼ିଆଳ, ୧୦।୪(ସମିସ):** ନୂଆପଡ଼ା ଜିଲ୍ଲା ଖଡିଆଳ ସହରକୁ ଏକ ଭାଲୁ ପଶି ଆସିଥିବାରୁ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ସନ୍ଧ୍ୟା ହେଲେ ଲୋକେ ଘରୁ ବାହାରିବାକୁ ଭୟ କରୁଛନ୍ତି। ବନ ବିଭାଗ ପହଞ୍ଚି ସତର୍କ ରହିବାକୁ ଲୋକଙ୍କୁ କହିଛି।

# ଖଡ଼ିଆଳରେ ହିନ୍ଦୁ ନବ ବର୍ଷ ଉତ୍ସବ



**ନୂଆପଡ଼ା/ଖଡ଼ିଆଳ, ୧୦।୪ (ସମିସ):** ଖଡ଼ିଆଳରେ ହିନ୍ଦୁ ନବ ବର୍ଷ ପାଳିତ ହୋଇଛି। ସମିତିର ସଭାପତି ଜିତେନ୍ଦ୍ର ନାଥ ପଟ୍ଟନାୟକଙ୍କ ନେତୃତ୍ୱରେ ଭୋର୍ ୫ଟାରେ ଭଜନ କୀର୍ତ୍ତନ ସହ ସହର ପରିକ୍ରମା ଓ ପ୍ରଭାତ ଫେରି ହୋଇଥିଲା। ସ୍ଥାନୀୟ ଅଗ୍ରସେନ୍ ଭବନରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସମସ୍ତ ସ୍ୱୟଂସେବକମାନେ ଏକତ୍ରିତ ହୋଇଥିଲା। ବିନୋଦ ଅଗ୍ରୱାଲ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ସ୍ୱୟଂସେବକ ପୁସ୍ତମ ସୁନାନୀ ଉପସ୍ଥିତ ଥିଲେ। ଅପରାହ୍ନରେ ସ୍ଥାନୀୟ ଦଧିବାମନ ମନ୍ଦିରଠାରେ ସମସ୍ତ କାର୍ଯ୍ୟକର୍ତ୍ତା, ନଗରବାସୀ ଏକତ୍ରିତ ହେବା ପରେ ଶୋଭାଯାତ୍ରା ବାହାରିଥିଲା। ମୋହନ ଚରଣ ଦାଶ, ସଜ୍ଜନ ଅଗ୍ରୱାଲ, ରତ୍ନାକର ସାହୁ, ସଞ୍ଜୟ ତିୱାରୀ, ଦିଲ୍ଲୀପ ତ୍ରିବେଦୀ, ବିକାଶ ବଂଶଲ, ଜଗବନ୍ଧୁ ବାରିକ, ଗରୁଡେଶ୍ୱର ଗହିର, କିଶୋର ଚନ୍ଦ୍ର ଗହିର, ସୁରେଶ ହଟୱାର ପ୍ରମୁଖ ଉପସ୍ଥିତ ଥିଲେ। ଶୋଭାଯାତ୍ରାରେ ବିଜେଡିର କଳାହାଣ୍ଡି ଲୋକସଭା ସାଂସଦ ପ୍ରାର୍ଥୀ ଲମ୍ବୋଦର ନିଆଲ, ବିଜେପି ଖଡ଼ିଆଳ ବିଧାନସଭା ପ୍ରାର୍ଥୀ ହିତେଶ ବଗର୍ତି, ଖଡ଼ିଆଳ ବିଧାନସଭା ବିଜେଡି ପ୍ରାର୍ଥୀ ଅଧୀରାଜ ମୋହନ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ।

# ନୂଆଗାଁରେ ୨୪ ପ୍ରହର ନାମଯଜ୍ଞ ଉଦ୍ୟାପିତ



**କୋମନା, ୧୦।୪(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ନୂଆଗାଁରେ ଚାଲିଥିବା ୨୪ ପ୍ରହର ନାମଯଜ୍ଞ ଉଦ୍ୟାପିତ ହୋଇଛି। ବୁଧବାର ସକାଳ ୮ଟାରେ ପୂର୍ଣ୍ଣାହୁତି ସହ ନାମ ସମାପନ ହୋଇଥିଲା। ଶଙ୍ଖ, ଘଣ୍ଟ, ସଂକୀର୍ତ୍ତନ ତାଳେ ତାଳେ ଦହିହାଣ୍ଡି ନଗର ପରିକ୍ରମା କରାଯାଇଥିଲା। ଗ୍ରାମବାସୀ ରାସ୍ତା ସାରା ଦହିହାଣ୍ଡି ସ୍ୱାଗତ କରିବା ସହ ବନ୍ଦାପନା କରିଥିଲେ। ଶେଷରେ ଯଜ୍ଞ ମଣ୍ଡପରେ ଦହି ହାଣ୍ଡି ଭଙ୍ଗା ଯାଇଥିଲା। କର୍ତ୍ତା ଭାବେ ନୀଳମଣୀ ଭୋଇ ଓ ଜୟଶ୍ରୀ ଭୋଇ ଦାୟିତ୍ୱ ନିର୍ବାହ କରିଥିଲେ। ଦଧିବାମନ ରଥ ମୁଖ୍ୟ ପୂଜକ ଥିବାବେଳେ ଜନକ ଦାସ ସହ ପୂଜକ ଥିଲେ। ଏଥିରେ ଚନ୍ଦନଭାଟି, ଅଧମୁଣ୍ଡା, ଗଠିଆପାଲି, ପଣ୍ଡାମୁଣ୍ଡା, କ୍ରୀଷ୍ଟା, ଟିକ୍ରାପଡ଼ା, ନୂଆଗାଁ, ଟୁକଲାପଡ଼ା, ଟଙ୍କପାଣିରୁ ୧୦ଟି ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ।

# ପ୍ରାଣୀବିଜ୍ଞାନ ତୃତୀୟ ବର୍ଷ ଛାତ୍ରଛାତ୍ରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା



**ଭବାନୀପାଟଣା, ୧୦।୪(ସମିସ):** ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗର ତୃତୀୟ ବର୍ଷ ଛାତ୍ରଛାତ୍ରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରାଣୀବିଜ୍ଞାନ ବିଭାଗର ମୁଖ୍ୟ ଡ଼ ସୁବ୍ରତ କୁମାର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ପୀତାମ୍ବର ଭୋଇ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷା ସହ କିପରି ବିନୟ ଭାବ ଜଡିତ ଓ ବିନୟ ହିଁ ମଣିଷକୁ ଆଗକୁ ବଢ଼ିବାରେ ସାହାଯ୍ୟ କରେ ସେ ବିଷୟରେ ବକ୍ତବ୍ୟ ରଖିଥିଲେ। ବିନୟ ହିଁ ସଫଳତାର ଚାବିକାଠି କହି ଏହାର ଗୁରୁତ୍ୱ ଆରୋପ କରିଥିଲେ। ଡେପୁଟି ରେଜିଷ୍ଟ୍ରାର ମେଜର ଡଃ. ଜୟଦେବ ସାହୁ, ସିଓଏଫ ସୁରେଶ ପାଡିଶିଖା, ସହାୟକ ଅଧାପକ ଡଃ ମୁମତାଜ ଖାଁ, ରାଜ କୁମାର ବେହେରା, ସୁଶ୍ରୀ ଶାଳିନୀ ବେହେରା, ସୁଶ୍ରୀ ଅର୍ପିତା ନାୟକ, ସୁଶ୍ରୀ ଭକ୍ତିସୁଧା ଧନସେନା, ସୁଶ୍ରୀ ପ୍ରତିକ୍ଷା ସାହୁ, ସୁଶ୍ରୀ ରଞ୍ଜିତା ତାଣ୍ଡି ଓ ଅନ୍ୟ କର୍ମଚାରୀ ବୃନ୍ଦ ଯୋଗଦାନ କରି ବିଦାୟୀ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

# ଢୋଲକିଆଙ୍କ ମାରାଥନ ପ୍ରଚାର

**ନୂଆପଡ଼ା, ୧୦।୪(ସମିସ):** ନୂଆପଡ଼ା ବିଧାନସଭା ଆସନ ସକାଶେ ବିଜେଡି ଟିକଟ ପାଇଥିବା ରାଜେନ୍ଦ୍ର ଢୋଲକିଆ ପ୍ରଚାର ଅଭିଯାନ ଜୋରଦାର କରିଛନ୍ତି। ବୁଧବାର ୧୦ରୁ ଅଧିକ ଜନସଭାରେ ଯୋଗ ଦେଇଛନ୍ତି। ନୂଆପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ସଦର ବ୍ଲକ ବାଗୁଆପଡ଼ାରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବାଗୁଡା, ଛିନ୍ଦ ପାଣି, ଚିଚିରପାଣି, କଣ୍ଟାପଡ଼ା, ଜାମପାଣୀ, ଟୋଙ୍ଗୋପାଣି, ସରାଇପାଲି, ମାଗୁରପାଣି ଏବଂ ବୋଇରଭାଡିଠାରେ ସେ ଜନସଭାରେ ଯୋଗ ଦେଇଥିଲେ। ଉଭୟ ନୂଆପଡ଼ା ବିଧାୟକ ଓ କଳାହାଣ୍ଡି ଲୋକସଭା ଆସନ ପାଇଁ ଡବଲ ଶଙ୍ଖ ଚିହ୍ନରେ ଭୋଟ୍ ଦେବାକୁ ସେ ନିବେଦନ କରିଥିଲେ। ରାଜ୍ୟ ସକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନା ଉପରେ ସେ ସଭାରେ କହିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ଆସୀନ କରି ତାଙ୍କୁ ହାତ ମୁଠାକୁ ଟାଣ କଲେ ରାଜ୍ୟର ବିକାଶ ଧାରା ଆହୁରି ଆଗକୁ ଯିବ ବୋଲି ସେ କହିଥିଲେ।



## ବିଜେଡ଼ିର ଜୋନସ୍ତରୀୟ କର୍ମୀ ସମ୍ମିଳନୀ

# ବିଧାୟକ, ସାଂସଦ ପ୍ରାର୍ଥୀଙ୍କ ବିଜୟ ଲାଗି ସଂକଳ୍ପ

**ସିନାପାଲି, ୧୦।୪(ସମିସ)**

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକସ୍ଥିତ ଗଡ଼ରାମାଳ ଓ ଘୁଚାଗୁଡାରେ ବିଜେଡିର ଜୋନ ନଂ - ୧୩ ଓ ୧୨ ଜୋନସ୍ତରୀୟ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସିନାପାଲି ବ୍ଲକ ବିଜୁ ଜନତା ଦଳ ସଭପତି ଗରୁଡ଼ଧ୍ୱଜ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାବେଶରେ ସାଂସଦ ପ୍ରାର୍ଥୀ ଲମ୍ବୋଦର ନିଆଲ ଓ ବିଧାୟକ ପ୍ରାର୍ଥୀ ଅଧିରାଜ ପାଣିଗ୍ରାହୀ ଯୋଗ ଦେଇଥିଲେ। ନୂଆପଡ଼ା ଜିଲ୍ଲା ପରିଷଦ ଅଧକ୍ଷା ଡଲି ମାଝି, ଜିଲ୍ଲା ପରିଷଦ ସଦସ୍ୟା ପୁଷ୍ପାଞ୍ଜଳି ଗୁଆଲ, ଅନ୍ୟତମ ଜିଲ୍ଲା ପରିଷଦ ସଦସ୍ୟା ଯଜ୍ଞସେନି କଟା, ଚିତ୍ତରଞ୍ଜନ ବେହେରା, ସିନାପାଲି ବ୍ଲକ ସମ୍ପାଦକ ଦଇତାରୀ ମେହେର, ଜିଲ୍ଲା ଯୁବ ସଭାପତି ଅମିତ ସିଂ ଦେଓ, ଖଡିଆଳ ବ୍ଲକ ସଭାପତି ମାଲ୍ୟବନ୍ତ ସୁନା, ସିନାପାଲି ବ୍ଲକ ସରପଞ୍ଚ ସଙ୍ଘ ସଭାପତି ଖୁଟୁରାମ ସୁନାନୀ, ମଦନ ଦଣ୍ଡସେନା, ବିରଞ୍ଚି ଜଗତ, ହେରାମ୍ବ ବାଗ, ଶେଫାଳୀ ସଲମା, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସଦସ୍ୟା ମନ୍ଦାକିନୀ ବଘେଲ, ଗୋଦାବରିଶ ନାଏକ, ଗିରିରାଜ ମାଝି, ଜୟପାଲ ନାଗ, ଜିଲ୍ଲା ମହିଳା ସଭାନେତ୍ରୀ ସରସ୍ୱତୀ ବାଗ, ସୁବାସ ଅଗ୍ରୱାଲ, କିଶୋର କୁମାର, ଗଣେଶ ପୋଡ଼, ବିରେନ୍ଦ୍ର ଖମାରୀ, ତନୟା ଶବର, ଜ୍ୟୋତି ପ୍ରକାଶ ସିଂ, ଉଦିତ ନାରାୟଣ ଖର୍ସେଲ ପ୍ରମୁଖ ଉଭୟ ସାଂସଦ ପ୍ରାର୍ଥୀ ଲମ୍ବୋଦର ନିଆଲ ଓ ବିଧାୟକ ପ୍ରାର୍ଥୀ ଅଧିରାଜ ପାଣିଗ୍ରାହୀଙ୍କୁ ବିଜୟୀ କରାଇବାକୁ ସଂକଳ୍ପ ନେଇଥିଲେ। ରାଜ୍ୟ ସରକାର ଏକ ନୂଆ ଓଡ଼ିଶା ଗଠନ କରିବାର ସଂକଳ୍ପ ସାଙ୍ଗକୁ ଅନେକ ଜନହିତକର କାର୍ଯ୍ୟ କରି ସାରା ଦେଶରେ ଏକ ନମ୍ବର ମୁଖ୍ୟମନ୍ତ୍ରୀ ଭାବେ ପ୍ରତିଷ୍ଠିତ ହୋଇ ପାରିଛନ୍ତି। ଏହି ଧାରାରେ ସମସ୍ତେ ସାମିଲ ହୋଇ ବିଜୁ ଜନତା ଦଳର ବଳକୁ ଟାଣ କରିବାକୁ ଆହ୍ୱାନ ଦିଆଯାଇଛି। ସରକାର ଜନସାଧାରଣଙ୍କ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି; ଯାହା ଲାଗି ବିଜୁ ଜନତା ଦଳ କ୍ଷମତାରେ ରହିଛି। ଆଗକୁ ଆହୁରି ନୂତନ ଯୋଜନା କରି ଓଡ଼ିଶାକୁ ଏକ ବିକଶିତ ରାଜ୍ୟ ଭାବରେ ଗଢ଼ି ତୋଳିବାର ସଂକଳ୍ପ ରହିଛି ବୋଲି ଏଥିରେ କୁହାଯାଇଛି।





## ରାଞ୍ଚି ନିକଟରେ ପହଞ୍ଚିଲେ ସତ୍ୟନାରାୟଣ



**ସୋନପୁର, ୧୦।୪ (ସମିସ):** ଏକ ଭାରତ ଶ୍ରେଷ୍ଠ ଭାରତର ବାର୍ତ୍ତା ନେଇ ଗତ ୫ ତାରିଖ ସୋନପୁରରୁ ସାଇକଲରେ ଯାତ୍ରା କରିଥିବା ସତ୍ୟନାରାୟଣ ରାଞ୍ଚି ନିକଟରେ ପହଞ୍ଚିଛନ୍ତି। ଝାଡଖଣ୍ଡର ବିଭିନ୍ନ ସ୍ଥାନରେ ଜନସାଧାରଣ ସମ୍ବର୍ଦ୍ଧନା ଜ୍ଞାପନ କରି ତାଙ୍କୁ ଉତ୍ସାହିତ କରୁଛନ୍ତି। ଦେଶର ସମୃଦ୍ଧି ପାଇଁ ମତଦାନ ଆବଶ୍ୟକ ବୋଲି ଏହି ଯାତ୍ରା ସମୟରେ ଲୋକଙ୍କୁ ସତ୍ୟନାରାୟଣ ବୁଝାଉଛନ୍ତି। ଲଛିପୁର ଅସୁରମୁଣ୍ଡା ଗାଁର ୨୨ ବର୍ଷୀୟ ସତ୍ୟନାରାୟଣ ବାଘ ସାଇକଲରେ ସାରା ଭାରତ ପରିଭ୍ରମଣର ଲକ୍ଷ୍ୟ ରଖିଛନ୍ତି।

### ଦୁର୍ନୀତିର ଗନ୍ତାଘର ବୌଦ୍ଧ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ

# ଠକ ଶ୍ରମିକ ସଂଘ ପ୍ରତି ଶ୍ରମ ଅଧିକାରୀଙ୍କ ଅନୁକମ୍ପା

**ବୌଦ୍ଧ, ୧୦।୪(ସମିସ)**

ବୌଦ୍ଧ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଠକ ଶ୍ରମିକ ସଂଘ ପ୍ରତି ଅନୁକମ୍ପା ପ୍ରଦର୍ଶନ କରୁଛି। ଜଣେ ମୃତ ମହିଳାଙ୍କ ନାମରେ ଜାଲ ନଥିପତ୍ର ଉପଯୋଗ କରି ନିର୍ମାଣ ଶ୍ରମିକ କାର୍ଡ ହାତେଇବା ଏବଂ ମୃତ୍ୟୁକାଳୀନ ସହାୟତା ପାଇଁ ଆବେଦନ କରିବା ଘଟଣାରେ ଜଡିତ ଶ୍ରମିକ ସଂଗଠନ ବରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲା ଶ୍ରମ ବିଭାଗ ପଛଘୁଞ୍ଚା ଦେଉଛି। ଠକ ଶ୍ରମିକ ସଂଘ ପ୍ରତି ଶ୍ରମ କାର୍ଯ୍ୟାଳୟର ଏତେ ଅନୁକମ୍ପା କାହିଁକି ତାହା କିନ୍ତୁ ବୁଝା ପଡୁନାହିଁ। ଅବଶ୍ୟ ଏହା ପଛରେ ଭାଗବଣ୍ଟା ସ୍ପଷ୍ଟ ହେଉଛି।

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ପିତାମ୍ବରପୁର ଗ୍ରାମର ଦୁଲ୍ଲଭା ଡାଙ୍ଗ ନାମ୍ନୀ ମହିଳାଙ୍କ ମୃତ୍ୟୁର ୯ ମାସ ପରେ ନିର୍ମାଣ ଶ୍ରମିକ କାର୍ଡ ପାଇଁ ଆବେଦନ କରାଯାଇଥିଲା। ଜିଲ୍ଲା ଗ୍ରାମୀଣ ନିର୍ମାଣ ଶ୍ରମିକ ସଙ୍ଗଠନ ନାମକ ଏକ ଶ୍ରମିକ ସଙ୍ଗଠନ ଉକ୍ତ ମହିଳା ୯୦ ଦିନ ଜଣେ ଠିକାଦାରଙ୍କ ନିକଟରେ ଶ୍ରମିକ ଭାବେ କାର୍ଯ୍ୟ କରିଥିଲେ ବୋଲି ପ୍ରମାଣପତ୍ର ପ୍ରଦାନ କରି ଏହି ଆବେଦନ କରିଥିଲା। ଆବେଦନର ୫ ଦିନ ପରେ ଶ୍ରମିକ କାର୍ଡ ଇସ୍ୟୁ ହୋଇଥିଲା। ଠିକ ୬ ଦିନ ପରେ ଉକ୍ତ ମହିଳାଙ୍କୁ ମୃତ ଦର୍ଶାଇ ରାଜ୍ୟ ସରକାରଙ୍କଠାରୁ ମିଳୁଥିବା ୨ ଲକ୍ଷ ଟଙ୍କା ମୃତ୍ୟୁକାଳୀନ ସହାୟତା ପାଇଁ ଆବେଦନ କରାଯାଇଥିଲା।

ବୌଦ୍ଧ ଜିଲ୍ଲାରେ ୩୨ ଶ୍ରମିକ ସଙ୍ଗଠନ ସକ୍ରିୟ ଅଛନ୍ତି। ଜିଲ୍ଲାର ଏସବୁ ଶ୍ରମିକ ସଙ୍ଗଠନ ଭାରତୀୟ ମଜଦୁର ସଙ୍ଘ, ଇଣ୍ଡିଆ ନ୍ୟାସନାଲ ଟ୍ରେଡ୍ ୟୁନିଅନ କଂଗ୍ରେସ, ଅଲ୍ ଇଣ୍ଡିଆ ଟ୍ରେଡ୍ ୟୁନିଅନ କଂଗ୍ରେସ, ହିନ୍ଦ ମଜଦୁର ସଭା, ସେଣ୍ଟର ଅଫ ଇଣ୍ଡିଆ ଟ୍ରେଡ୍ ୟୁନିଅନ ଭଳି ଜାତୀୟ ସ୍ତରୀୟ ଶ୍ରମିକ ସଙ୍ଗଠନ ସହିତ ସହବନ୍ଧିତ ଅଛନ୍ତି। ଯଦିଓ ଶ୍ରମିକମାନଙ୍କ ସ୍ୱାର୍ଥ ରକ୍ଷା କରିବା ଏସବୁ ଶ୍ରମିକ ସଙ୍ଗଠନର ମୁଖ୍ୟ କାର୍ଯ୍ୟ ତେବେ କିଛି ସଙ୍ଗଠନ ଶ୍ରମିକଙ୍କ ହିତ ସାଧନ ପରିବର୍ତ୍ତେ ଦଲାଲ ଭାବେ କାର୍ଯ୍ୟ କରୁଥିବା ଅନେକ ଦୃଷ୍ଟାନ୍ତ ରହିଛି।

### କାର୍ଯ୍ୟାନୁଷ୍ଠାନ ନେବାରେ ପଛଘୁଞ୍ଚା

ନିର୍ମାଣ ଶ୍ରମିକମାନେ ବିଭିନ୍ନ ଯୋଜନାରେ ସରକାରଙ୍କଠାରୁ ଆର୍ଥିକ ସହଯୋଗ ପାଉଛନ୍ତି। ମୃତ୍ୟୁକାଳୀନ ସହାୟତା ବାବଦରେ ୨ ଲକ୍ଷ ୫ ହଜାର ଟଙ୍କା, ଦୁର୍ଘଟଣା ଜନିତ ମୃତ୍ୟୁ ପାଇଁ ୪ ଲକ୍ଷ ୫ ହଜାର ଟଙ୍କା, ଆକର୍ମଣ୍ୟ ହୋଇଗଲେ ୨୦ ହଜାରରୁ ଦେଢ଼ ଲକ୍ଷ ଟଙ୍କା, ଝିଅ ବାହାଘର ପାଇଁ ୫୦ ହଜାର ଟଙ୍କା, ପିଲାଙ୍କୁ ପାଠ ପଢ଼ାଇବା ପାଇଁ ୨ ହଜାରରୁ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ସହାୟତା ରାଶି ନିର୍ମାଣ ଶ୍ରମିକମାନେ ପାଉଛନ୍ତି। ଏସବୁ ସହାୟତା ପାଇବା ପାଇଁ ଶ୍ରମିକଙ୍କୁ ଅନଲାଇନ ମାଧ୍ୟମରେ ଆବେଦନ କରିବାକୁ ପଡେ। ଏଥିପାଇଁ ବିଭିନ୍ନ କାଗଜପତ୍ର ଯୋଗାଡ଼ କରିବାଠାରୁ ଆରମ୍ଭ କରି ଜନସେବା କେନ୍ଦ୍ର, ଶ୍ରମ କାର୍ଯ୍ୟାଳୟ, ବ୍ୟାଙ୍କ ଇତ୍ୟାଦିରେ ଚକ୍କର କାଟିବା ପ୍ରକ୍ରିୟା ସରଳ ଓ ନିରୀହ ଶ୍ରମିକଙ୍କୁ ଜଟିଳ ମନେହୁଏ। ଏହାର ସୁଯୋଗରେ ଦଲାଲମାନେ ଶ୍ରମିକଙ୍କୁ ନିଜ ଫାସରେ ପକାନ୍ତି ଏବଂ କାମ କରାଇଦେବାର ପ୍ରତିବଦଳରେ ଅର୍ଥ ଦାବି କରନ୍ତି। ଏପରିକି ଅର୍ଥ ଲାଳସାରେ ଦଲାଲମାନେ ମୃତ ବ୍ୟକ୍ତିଙ୍କୁ ଜୀବିତ ଦର୍ଶାଇବା ଭଳି କୌଣସି ପ୍ରକାର ଅନୈତିକ କାର୍ଯ୍ୟ କରିବାକୁ ମଧ୍ୟ ପଛଘୁଞ୍ଚା ଦେଉନାହାନ୍ତି। ସେହି ଅର୍ଥ ଦଲାଲ ଏବଂ ଶ୍ରମ କାର୍ଯ୍ୟାଳୟ କର୍ମଚାରୀଙ୍କ ମଧ୍ୟରେ ଭଗବଣ୍ଟା ହୁଏ।

ବୌଦ୍ଧ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ଏଭଳି ଧନ୍ଦା ଚାଲିଛି। ଶ୍ରମିକଙ୍କ ସରଳତାର ସୁଯୋଗରେ ଦଲାଲମାନେ ଶୋଷଣ କରୁଛନ୍ତି। ସରକାରଙ୍କ ଏଭଳି ଜନ ମଙ୍ଗଳକାରୀ ଯୋଜନା ମଧ୍ୟ ବାଟବଣା ହେଉଛି। ତେଣୁ ଜିଲ୍ଲା ପ୍ରଶାସନ ଏଭଳି ଦଲାଲ ରୂପୀ ଶ୍ରମିକ ସଙ୍ଗଠନ ଏବଂ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ବିରୋଧରେ ଉଭୟ ପ୍ରଶାସନିକ ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ସହ ଶ୍ରମ କାର୍ଯ୍ୟାଳୟକୁ ଦଲାଲ ମୁକ୍ତ କରିବାର ଆବଶ୍ୟକତା ରହିଛି। ତେବେ ଆଦର୍ଶ ନିର୍ବାଚନ ଆଚରଣ ବିଧି ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ ମଧ୍ୟରେ ଯଦିଓ କୌଣସି ସମ୍ବନ୍ଧ ନାହିଁ ତଥାପି ନିର୍ବାଚନ ପ୍ରକ୍ରିୟା ସରିବ ପରେ ଯାଇ ଯାହା କିଛି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲା ଶ୍ରମ ଅଧିକାରୀ ସୁଶାନ୍ତ ପାଇକରାୟ ସଫେଇ ଦେଇଛନ୍ତି।

## ହରଭଙ୍ଗାରେ ଜଳ ଯୋଗାଣ ବନ୍ଦ

**ହରଭଙ୍ଗା, ୧୦।୪(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ହରଭଙ୍ଗା ଗ୍ରାମର ୮ଓ ୯ନମ୍ବର ୱାର୍ଡରେ ପିଇବା ପାଣି ସମସ୍ୟା ଉପୁଜିଛି। ଗାଁରେ ୧୦ରୁ ଦିନରୁ ଅଧିକ ହେଲା ପାଇପ୍ ଜଳ ଯୋଗାଣ ସମସ୍ୟା ଲାଗି ରହିଛି। ନିୟମିତ ପାଣି ଦିଆଯାଉନି ବୋଲି ଗ୍ରାମବାସୀ କହନ୍ତି। ତେଣୁ ବିଭାଗୀୟ ଅଧିକାରୀ ଜଳ ଯୋଗାଣ ଉପରେ ଦୃଷ୍ଟି ଦେବା ସହ ତୁରନ୍ତ ପାନୀୟ ଜଳ ଯୋଗାଇ ଦେବାକୁ ପ୍ରଦୀପ ଦନାୟକ, ପୂର୍ଣ୍ଣଚନ୍ଦ୍ର ବେହେରା, ବିଶ୍ୱାମିତ୍ର ଦାନାୟକ, ଅନିଲ ସିଂ, ବଳ ବାଘ, ତୋଫାନ ନାୟକ, ତ୍ରିନାଥ ବେହେରା, ଉତ୍ତମ ନାୟକ, ଅନିଲ ମାଝୀ ପ୍ରମୁଖ ଦାବି କରିଛନ୍ତି।

## କୁଶଙ୍ଗରେ କର୍ମୀ ସମ୍ମିଳନୀ

**ହରଭଙ୍ଗା, ୧୦।୪(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ କୁଶଙ୍ଗରେ ୯ ନଂ ଜିଲ୍ଲା ପରିଷଦ ଜୋନର କର୍ମୀଙ୍କୁ ନେଇ ବିଜେପି ପକ୍ଷରୁ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ବୌଦ୍ଧ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଜେପି ପକ୍ଷରୁ ବିଧାୟକ ପ୍ରାର୍ଥୀ ହୋଇଥିବା ସରୋଜ ପ୍ରଧାନ ଉପସ୍ଥିତ ରହି କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି। ଚଳିତ ସାଧାରଣ ନିର୍ବାଚନରେ କେନ୍ଦ୍ରରେ ଥିବା ଜନପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ କଲ୍ୟାଣକାରୀ ଯୋଜନା ଏବଂ ସୁଶାସନ ନେଇ ଲୋକଙ୍କ ପାଖକୁ ଯିବାକୁ ଉପସ୍ଥିତ କର୍ମୀଙ୍କୁ ପରାମର୍ଶ ଦେଇଥିଲେ।

## ଆଇଆଇଟି ଜାମ୍‌ରେ ଉତ୍ତୀର୍ଣ୍ଣ

**ବୌଦ୍ଧ, ୧୦।୪(ସମିସ):** ବୌଦ୍ଧ ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ରସାୟନ ବିଜ୍ଞାନର ଶେଷ ବର୍ଷ ଛାତ୍ର କାହ୍ନା ପ୍ରଧାନ ଆଇଆଇଟି ସ୍ନାତକୋତ୍ତର



ପ୍ରବେଶିକା ପରୀକ୍ଷା ଜାମ୍‌ରେ କୃତକାର୍ଯ୍ୟ ହୋଇଛନ୍ତି। ତାଙ୍କର ସ୍ଥାନ ସର୍ବ ଭାରତୀୟ ସ୍ତରରେ ୩୩୪୩ ର୍ୟାଙ୍କରେ ରହିଛି। ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକର ସଞ୍ଜମୁରା ଗ୍ରାମରେ ତାଙ୍କ ଘର। ଏହି ସଫଳତାର ଶ୍ରେୟ ସେ ତାଙ୍କର ଅଧ୍ୟାପକ, ଅଧ୍ୟାପିକାମାନଙ୍କୁ ଦେଇଛନ୍ତି।

### ଗ୍ରୀଷ୍ମ ପ୍ରବାହ ପରିଚାଳନା ପାଇଁ ସମୀକ୍ଷା ବୈଠକ

# ଅଂଶୁଘାତ ମୃତ୍ୟୁ ଶୂନ୍ୟ ପାଇଁ କଡ଼ା ନିର୍ଦ୍ଦେଶ

**ସୋନପୁର, ୧୦।୪(ସମିସ):** ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ ଗ୍ରୀଷ୍ମ ପ୍ରବାହ ପରିଚାଳନା ପାଇଁ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ଅନ୍ୟା ଦାସ ଅଧକ୍ଷତା କରିଥିଲେ। ଜିଲ୍ଲାରେ ଅଂଶୁଘାତ ଜନିତ ମୃତ୍ୟୁ ଶୂନ୍ୟ ଉପରେ ଯତ୍ନବାନ ହେବାକୁ ଜିଲ୍ଲାପାଳ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ବିଭାଗୀୟ ଅଧିକାରୀମାନେ ସେମାନଙ୍କ ପୂର୍ବ ପ୍ରସ୍ତୁତି ତଥା ଗ୍ରୀଷ୍ମ ପ୍ରବାହ ପରିଚାଳନା ନିମିତ୍ତ ନେଇଥିବା ପଦକ୍ଷେପ ସମ୍ବନ୍ଧରେ ପିପିଟି ମାଧ୍ୟମରେ ବିଭାଗୀୟ କାର୍ଯ୍ୟକ୍ରମର ରୂପରେଖ ଉପରେ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ।



ଜିଲ୍ଲାରେ ପାନୀୟ ଜଳ ଅଭାବ ଚିହ୍ନଟ କରାଯାଇଥିବା ଗ୍ରାମଗୁଡିକରେ ପାନୀୟ ଜଳର ସୁବନ୍ଦୋବସ୍ତ କରାଯିବ ଉପରେ ବୈଠକରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି। ଏଥିସହିତ ଅଚଳ ନଳକୂପ ଗୁଡିକର ତୁରନ୍ତ ମରାମତି, ଶିକ୍ଷାନୁଷ୍ଠାନ, ଅଙ୍ଗନବାଡି କେନ୍ଦ୍ର, ଜନବହୁଳ ସ୍ଥାନଗୁଡିକରେ ପାନୀୟ ଜଳ (ଜଳଛତ୍ର) ବ୍ୟବସ୍ଥା କରିବା ଉପରେ ଗୁରୁତ୍ୱ ଆରୋପ କରାଯାଇଛି। ସମସ୍ତ ବିଡିଓ ଏବଂ ଜଳ ଓ ପରିମଳ ବିଭାଗକୁ ଆବଶ୍ୟକ ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକସ୍ଥଳେ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତହସିଲଦାରମାନେ ଶିକ୍ଷା ଅନୁଷ୍ଠାନଗୁଡିକ ପରିଦର୍ଶନରେ ଯାଇ ପାନୀୟ ଜଳ ବ୍ୟବସ୍ଥାକୁ ତଦାରଖ କରିବା, ସମସ୍ତ ଚିକିତ୍ସାଳୟ ପରିଦର୍ଶନ କରି ଗ୍ରୀଷ୍ମ ପ୍ରବାହ ପରିଚାଳନା ପ୍ରସ୍ତୁତି ଯାଞ୍ଚ କରିବା ଏବଂ ଯାତ୍ରୀବାହୀ ବସ୍ ତନଖି କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସମସ୍ତ ବିଭାଗର କଣ୍ଟ୍ରୋଲ ରୁମ୍ ନମ୍ବର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇବା ଉପରେ ପଦକ୍ଷେପ ନେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଶିକ୍ଷା ଅନୁଷ୍ଠାନଗୁଡିକରେ ବିଦ୍ୟାର୍ଥୀମାନଙ୍କୁ ଓ ସେମାନଙ୍କ ଅଭିଭାବକମାନଙ୍କୁ ଗ୍ରୀଷ୍ମ ପ୍ରବାହ ସତର୍କତା ଉପରେ ସଚେତନ କରିବା ନିମିତ୍ତ ପଦକ୍ଷେପ ନେବାପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବିଭିନ୍ନ ରାଜନୈତିକ ଦଳଙ୍କ ଦ୍ୱାରା ଅନୁଷ୍ଠିତ ହେବାକୁ ଥିବା ନିର୍ବାଚନୀ ସଭା ଓ ଗଣ ସମାବେଶରେ ଗ୍ରୀଷ୍ମ ପ୍ରବାହ ପରିଚାଳନା ନିର୍ଦ୍ଦେଶାବଳୀ ଅନୁପାଳନ କରାଯାଉଛି କି ନାହିଁ ତାହାକୁ ଉଭୟ ଉପଜିଲ୍ଲାପାଳ ଓ ତହସିଲଦାରମାନେ ତଦାରଖ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ବିଭିନ୍ନ ସମାବେଶ ନିମନ୍ତେ ଆବଶ୍ୟକ ଅନୁମତି ପ୍ରଦାନ ବେଳେ ଏହାକୁ ସୁନିଶ୍ଚିତ କରିବାକୁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି। ସମସ୍ତ ଭୋଟ ଗ୍ରହଣ କେନ୍ଦ୍ରଗୁଡିକରେ ପାନୀୟ ଜଳ ଓ ଅସ୍ଥାୟୀ ବିଶ୍ରାମ ସ୍ଥଳ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି।

ଏହି ସମୀକ୍ଷା ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ ମେହେର, ସୋନପୁର ଉପ ଜିଲ୍ଲାପାଳ ସୁରଜ ପଟ୍ଟନାୟକ, ବୀରମହାରାଜପୁର ଉପ ଜିଲ୍ଲାପାଳ ଲାଲଟେନ୍ଦୁ ସି, ଜିଲ୍ଲାସ୍ତରୀୟ ସମସ୍ତ ଅଧିକାରୀ, ସମସ୍ତ ବିଡିଓ, ତହସିଲଦାର, ବିଜ୍ଞାପିତ ଅଞ୍ଚଳର କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଅଂଶଗ୍ରହଣ କରିଥିଲେ।

## ବିଭିନ୍ନ ସ୍ଥାନରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ



**ସୋନପୁର, ୧୦।୪ (ସମିସ):** ସୁବର୍ଣ୍ଣପୁର ସରସ୍ୱତୀ ବିଦ୍ୟା ମନ୍ଦିରରେ ହିନ୍ଦୁ ନବ ବର୍ଷ ପାଳିତ ହୋଇଛି। ସୋନପୁର ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୋନପୁର କଲେଜର ଅଧ୍ୟାପକ ଦେବେନ୍ଦ୍ର ପଧାନ ଏବଂ କୈଳାଶ ଚାନ୍ଦ ଅତିଥି ଭାବେ ଯୋଗଦେଇ ଥିଲେ। ସଂଘର ଜିଲ୍ଲା ସହ ସଙ୍ଘ ଚାଳକ ଜୟଦ୍ରଥ ଜଗଦଲା ଉପସ୍ଥିତ ଥିଲେ।

**ଡୁଙ୍ଗୁରିପାଲି:** ମାଝିମୁଣ୍ଡା ଝୁମୁକା ଡୁଙ୍ଗୁରିର ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ପ୍ରଫୁଲ୍ଲ ବାରିକ, ଅନିରୁଦ୍ଧ ବରିକ, କରୁଣାକର ଦାଶ, ମଦନ ବେହେରା, ସୁରେନ୍ଦ୍ର ସା, ଦେବକାନ୍ତ ବନଛୋର, ଚୂଡାମଣି ସାହୁ, ପୁରନ୍ଦର ସାହୁ, ସୁଭାବନ ଦାଶ, ରବୀନ୍ଦ୍ର ନାୟକ, ରାଜା ରଣା, ଦାଶରଥି ମେହେର, ଦିଲ୍ଲୀପ ଦାଶ, ଘନଶ୍ୟାମ ସାହୁ, ଘନଶ୍ୟାମ ମେହେର, ନୀଳକାନ୍ତ ବାରିକ, ସରୋଜ ପଧାନ, ସୁରେନ୍ଦ୍ର ସାହୁ, ତରଣୀସେନ ଭୁଏ, ପିଙ୍କିଧରୁଆ, ଲିମା ସାହୁ, ଦବାର୍ଜନ ରଣା ପ୍ରମୁଖ ଉପସ୍ଥିତ ଥିଲେ।

**ସୁବଳୟା:** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ବହଳପଦର ପଞ୍ଚାୟତ ଗୌଡ଼ଗାଡ଼ ଗ୍ରାମର ରଘୁନାଥ ମଣ୍ଡପରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ ହୋଇଛି। ଘନଶ୍ୟାମ କଳତା. ସୁଶାନ୍ତ ଘିବିଲା, ଗୋପାଳ ସେଠୀ, ଶରତ ଚନ୍ଦ୍ର ବସ୍ତିଆ, ପ୍ରଦୀପ ଘିବିଲା, ଦେବାର୍ଚ୍ଚନ ପଧାନ, ମାଗୁଣି ପଧାନ, ଗୌର ବସ୍ତିଆ, ଅନ୍ତରାମ ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ।

## ରୁଣ୍ଡିମହୁଲରେ ବୈଦିକ ଦେବ ଯଜ୍ଞ ଉତ୍ସବ

**ଶଗଡ଼ା, ୧୦।୪ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ରୁଣ୍ଡିମହୁଲ ଗ୍ରାମ ଭାଗବତ ପାରାୟଣ ସନ୍ଥାଶ୍ରମଠାରେ ୪୦ତମ ବୈଦିକ ଦେବ ଯଜ୍ଞ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ରୁଣ୍ଡିମହୁଲ ସରପଞ୍ଚ ପଞ୍ଚାନନ ସାହୁ ଓମ୍ ଧ୍ୱଜା ଉତ୍ତୋଳନ କରିବା ସହ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ରବୀନ୍ଦ୍ର ବ୍ରହ୍ମଚାରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଣ୍ଡିତ ନିରଞ୍ଜନ ଆଚାର୍ଯ୍ୟ ସହଯୋଗ କରିଥିଲେ। ମୁଖ୍ୟ ପ୍ରବକ୍ତା ଭାବେ ଧନୁର୍ଦ୍ଧର ମହାପାତ୍ର ଯୋଗ ଦେଇଥିଲେ। ତେତେଲେଙ୍ଗା ବୌଦ୍ଧ ଆଦର୍ଶ ବିଦ୍ୟାଳୟର ନାରୀ ପ୍ରବକ୍ତା ସୌଦାମିନୀ ଆର୍ଯ୍ୟ ଅଭିଭାଷଣ ପ୍ରଦାନ କରିଥିଲେ। କଣ୍ଟାମାଳ ପଞ୍ଚାୟତ କଲେଜର ସଂସ୍କୃତ ପ୍ରାଧ୍ୟାପକ ପୌଲସ୍ତି ପ୍ରଧାନ ବେଦ, ସଂସ୍କୃତ ଓ ଆର୍ଯ୍ୟ ସମାଜର ନୀତି ଉପରେ ଆଲୋକପାତ କରିଥିଲେ। ସୋନପୁରର ବେଦ ପ୍ରଚାରକ ପଙ୍କଜ ମେହେର, ଶିବପ୍ରସାଦ ପାତ୍ର ଓ ଲଳିତ ମେହେର ବକ୍ତବ୍ୟ ପ୍ରଦାନ କରିଥିଲେ। ବୈଦ୍ୟନାଥ ଜାଲ ବୈଦିକ ଭଜନ ପରିବେଷଣ କରିଥିଲେ। ବିରୂପାକ୍ଷ ବାରିକ, କୁଞ୍ଜବିହାରୀ ସାହୁ, ଉମାକାନ୍ତ ବାରିକ, ଦୀନକୃଷ୍ଣ ବାନପ୍ରସ୍ଥି, ଦେବଗଣ ସାହୁ, ଲୋଚନ ବିଶି, ଲକ୍ଷ୍ମଣ ଭୋଇ, ବିଶିକେଶନ କର୍ମୀ ସହଯୋଗ କରିଥିଲେ।

### କାଷ୍ଠା, ନିଷ୍ଠା, ଭକ୍ତିଭାବର ମାସ ଚୈତ୍ର

# ପଣାପାଣି, ଝୁଣାଧୂପରେ ମହକୁଛି ଗାଁ ଦାଣ୍ଡ

**ହରଭଙ୍ଗା, ୧୦।୪(ସମିସ):** ହିନ୍ଦୁ ଶାସ୍ତ୍ର ଅନୁଯାୟୀ ବାରମାସ ମଧ୍ୟରୁ ଚୈତ୍ର ମାସ ଅନ୍ୟତମ। ଏହି ମାସରେ ହିନ୍ଦୁ ଶାସ୍ତ୍ର ମତରେ ନୂତନ ବର୍ଷର ଶୁଭାରମ୍ଭ ହୋଥାଏ। ନୂତନ ପାଞ୍ଜି ଆରମ୍ଭ କରାଯାଏ। ଚୈତ୍ର ମାସରେ ଶିବ ପାର୍ବତିଙ୍କ ଦଣ୍ଡଯାତ୍ରା ସହ ସର୍ବ ମଙ୍ଗଳା ଦେବା ଦେବୀ, ଠାକୁରାଣୀଙ୍କ ଦିଗ ଭ୍ରମଣ ବା ଗାଁକୁ ଗାଁ ଭ୍ରମଣ କରି ପୂଜା ପାଇଥାନ୍ତି। ତେଣୁ ଏହି ମାସ ଭକ୍ତ, ଦଣ୍ଡୁଆଙ୍କ କାଷ୍ଠା ଓ ନିଷ୍ଠା ତଥା ଭକ୍ତି ଭାବର ମାସ ବୋଲି କୁହାଯାଏ। ବିଶେଷ କରି ଏହି ମାସରେ ଦଣ୍ଡୁଆଙ୍କ ପାଇଁ କଠୋର ନିୟମ ରହିଥାଏ। ପୂଜାର୍ଚ୍ଚନା, ପଣାପାଣି, ଝୁଣାଧୂପରେ ଗାଁ ଦାଣ୍ଡ ମହକି ଉଠେ। ବୌଦ୍ଧ ଜିଲ୍ଲାରେ ପବିତ୍ର ଚୈତ୍ର ମାସରେ ଗାଁ ଗାଁରେ ଦଣ୍ଡ ଯାତ୍ରା ଶୋଭା ପାଇ ଥାଏ। ଗ୍ରାମେ ଗ୍ରାମେ ଶିବ ଶକ୍ତିଙ୍କ ଭ୍ରମଣ ହୋଇଥାଏ। ଷୋଳ ସୁଆଙ୍ଗ ଦଣ୍ଡ ନାଚ, ମଣି ଡାକରେ ଗାଁ ଦାଣ୍ଡ ଶୋଭା ପାଇଥାଏ। ବର୍ତ୍ତମାନ ବୌଦ୍ଧ ଜିଲ୍ଲାର ବହୁ ଶୈବ ପୀଠରୁ ଦଣ୍ଡ ଉଠିଥିବା ବେଳେ ଏହା ପଣା ସଂକ୍ରାନ୍ତି ବା ବିଷୁବ ସଂକ୍ରାନ୍ତି ଦିନ ଉଦ୍‌ଯାପିତ ହେବ। ଦଣ୍ଡ ଯାତ୍ରାଗୁଡିକ ୧୩ ଦିନ, ୧୭ଦିନ ଓ ୨୧ ଦିନ ପର୍ଯ୍ୟନ୍ତ ଚାଲେ। ଦଣ୍ଡ ଯାତ୍ରାରେ ସାମାଜିକ, କୃଷି, ଓ ଜୀବଜଗତ ସୁରକ୍ଷା ନେଇ ବିଭିନ୍ନ ନୃତ୍ୟ ଗୀତ ମାଧ୍ୟମରେ ଶିକ୍ଷା ମିଳିଥାଏ। ଅନ୍ୟପଟେ ଏହି ମାସଟି ଦେବାଦେବୀଙ୍କ ମାସ ହୋଇଥିବାରୁ ସର୍ବ ମଙ୍ଗଳା ବା ଠାକୁରାଣୀ ବିଭିନ୍ନ ଗ୍ରାମରେ ବିରାଜିତ ହୋଇଥାନ୍ତି। ଶାସ୍ତ୍ର ମତ ଅନୁସାରେ ବର୍ତ୍ତମାନ ବସନ୍ତ ଋତୁର ଆଗମନରେ ଗ୍ରାମେ ଗ୍ରାମେ ହାଡ଼ଫୁଟି, ବସନ୍ତ ସହ ଗୋରୁଗାଈ, ଛେଳି ମେଣ୍ଢାଙ୍କଠାରେ ଫାଟୁଆ ରୋଗ



ବ୍ୟପିଥାଏ। ବିଶ୍ୱାସ ଅଛି ଗ୍ରାମେ ଗ୍ରାମେ ଠାକୁରାଣୀ ବା ସର୍ବ ମଙ୍ଗଳାଙ୍କ ଭ୍ରମଣ ସମୟରେ ଗାଁ ଦାଣ୍ଡରେ ପୂଜାର୍ଚ୍ଚନା, ପଣାପାଣି ଧୂପ ଝୁଣାରେ ଶୀତଳା ଦେବୀଙ୍କୁ ଶାନ୍ତି କରିବା ସହ ପ୍ରାଣୀ ଜଗତ କଲ୍ୟାଣ ଅର୍ଥେ ପୂଜାବିଧି କରାଯାଇ ଥାଏ। ତେଣୁ ବାର ମାସ ମଧ୍ୟରୁ ଚୈତ୍ର ମାସକୁ ଅତି ପବିତ୍ର ଓ ଭକ୍ତି ଭାବର ମାସ କୁହାଯାଏ। ଏହି ମାସରେ ହିନ୍ଦୁ ରାଷ୍ଟ୍ର ଅନୁସାରେ ନୂତନ ପାଞ୍ଜିର ମଧ୍ୟ ଶୁଭ ଅଶୁଭ ଫଳ ଜାଣିବାକୁ ହୋଇଥାଏ।

- ଶିବପାର୍ବତୀ, ସର୍ବମଙ୍ଗଳାଙ୍କ ଦିଗ ଭ୍ରମଣ ଓ ପୂଜାର୍ଚ୍ଚନା
- ଦଣ୍ଡୁଆଙ୍କ ପାଇଁ କଠୋର ନିୟମ

ହରଭଙ୍ଗା ବ୍ଲକ ଆଡେଣି ଗଡ଼ ଗ୍ରାମ ତେଲିସାହିରେ ପଞ୍ଚଶମ୍ଭୁ ମିଳନ ମହା ସମାରୋହରେ ପାଳିତ ହୋଇଛି। ଆୟୋଜକ କମିଟି ମତ ଅନୁଯାୟୀ ୫ବର୍ଷ ପାଇଁ ପଞ୍ଚଶମ୍ଭୁ ମିଳନ ମାନସିକ କରିଥିଲେ। ପ୍ରଭୁଙ୍କ କରୁଣାରୁ ମାନସିକ ମଧ୍ୟ ପୂରଣ ହୋଇଛି। ଚଳିତ ବର୍ଷ ଚତୁର୍ଥ ପଞ୍ଚଶମ୍ଭୁ ମିଳନ କରାଯାଇଛି। ଏହି ଚତୁର୍ଥ ବର୍ଷରେ ବୌଦ୍ଧ ଜିଲ୍ଲାର ଗୋଛାପଡ଼ା ବାବା ଭୁବନେଶ୍ୱର, ଲଣ୍ଡେଜୋର ବାବା ମହେଶ୍ୱର, ସାକୁସିଙ୍ଗା ବାବା ଧବଳେଶ୍ୱର, କେଳାକଟାର ବାବା ଚମ୍ପେଶ୍ୱର ଖଲିଆପାଲିର ବାବା ଗୁପ୍ତେଶ୍ୱରଙ୍କ ମହାମିଳନ ଦେଖିବାକୁ ମିଳିଥିଲା। ଆୟୋଜକ କମିଟି ସଭାପତି ପ୍ରମୋଦ ସାହୁ, ସମ୍ପାଦକ ଦ୍ରୋଣ ସାହୁ, ସଦସ୍ୟ ଚିତ୍ତ ସାହୁ, ବିରକ୍ଷଜ ବାରିକ, କୁଶ ରଣା, ହରେକୃଷ୍ଣ ରଥ, ସହଯୋଗୀ ପୂର୍ଣ୍ଣଚନ୍ଦ୍ର ଭୋଇ, ଶ୍ରୀପତି ଭୋଇ, ମନମୋହନ ସାହୁ, ଶ୍ରୀକର ନାଏକ, ଦେବେନ୍ଦ୍ର ଭୋଇଙ୍କ ସମେତ ଗ୍ରାମବାସୀ ଏହି ମହାମିଳନରେ ସାହାଯ୍ୟ ସହଯୋଗ କରିଥିଲେ।

# ପ୍ରଶାସନିକ ଅବହେଳାର ଶିକାର ରାଣୀସାହି



- ଏ ପର୍ଯ୍ୟନ୍ତ ଏ ଗାଁକୁ ନାହିଁ ରାସ୍ତା
- ବିଦ୍ୟୁତ, ପାନୀୟ ଜଳରୁ ବଞ୍ଚିତ ଗ୍ରାମବାସୀ
- ଶିକ୍ଷା କଥା ନ କହିବା ଭଲ
- ଆବଶ୍ୟକବେଳେ ଆମ୍ବୁଲାନ୍ସ, ଦମକଳ ଯାଇପାରୁନି



**ହରଭଙ୍ଗା, ୧୦।୪(ସମିସ)**

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକର ଉପାନ୍ତ ତଳଗାଁ ପଞ୍ଚାୟତର ରାଣୀସାହି ପ୍ରଶାସନିକ ଅବହେଳାର ଶିକାର ହୋଇଛି। ସ୍ୱାଧୀନତାର ୭୭ ବର୍ଷ ପରେ ମଧ୍ୟ ରାଣୀସାହିକୁ ପ୍ରଶାସନ ଅଧିକାରୀଙ୍କ ପାଦ ପଡୁନି। ଏ ପର୍ଯ୍ୟନ୍ତ ଏ ଗାଁକୁ ରାସ୍ତା ନାହିଁ। ବିଦ୍ୟୁତ୍, ପାନୀୟ ଜଳରୁ ବଞ୍ଚିତ ଗ୍ରାମବାସୀ। ଶିକ୍ଷା କଥା ନ କହିବା ଭଲ।

ବୌଦ୍ଧ-ନୟାଗଡ଼ ସୀମାନ୍ତ ବଣ ପାହାଡ




ଘେରା ଏହି ଗାଁଟି ବୌଦ୍ଧ ଜିଲ୍ଲାର ସୀମାନ୍ତରେ ରହିଛି। ବ୍ଲକର ତଳଗାଁ ପଞ୍ଚାୟତରୁ ବଣ ପାହାଡ ଦେଇ ୧୨ କି.ମି ଘାଟି ରାସ୍ତାରେ ଏହି ଗାଁକୁ ଯିବାକୁ ପଡେ। ଗୁଡୀବିଡା, ଗୁରୁଡ଼ି, ନେଡିଗୁଡା, ସାହିକୁ ନେଇ ଏହି ଗାଁ ଗଠିତ। ରାସ୍ତା ନ ଥିବାରୁ ଗାଁକୁ ଆବଶ୍ୟକ ବେଳେ ୧୦୮ ଓ ଦମକଳ ଯାଇ ପାରୁନି। ପ୍ରାଥମିକ ବିଦ୍ୟାଳୟ ଗୃହ ସମ୍ମୁଖରେ ଥିବା ନଳକୂପରୁ ବର୍ଷରୁ ୬ ମାସ ଗୁଣ୍ଡ ମିଶ୍ରିତ ପାଣି ବାହାରୁଥିବା ବେଳେ ବାକି ୬ ମାସ ପାଣି ବାହାରେ ନାହିଁ। ବିଦ୍ୟାଳୟ ପରିସରରେ ଥିବା ଅଙ୍ଗନବାଡି କେନ୍ଦ୍ର ଭାଙ୍ଗି ଯାଇଛି। ଏଭଳି ବିଭିନ୍ନ ସମସ୍ୟା ଭିତରେ ଏହି ଗ୍ରାମବାସୀ ରହିଛନ୍ତି। ଏଣୁ ପ୍ରଶାସନ ପ୍ରତି ଏମାନଙ୍କ ଦିନକୁ ଦିନ ଘୃଣାଭାବ ସୃଷ୍ଟି ହେଉଛି। ଅବଶ୍ୟ ନିକଟରେ ଜିଲ୍ଲାପାଳ ଜେ ସୋନାଲ ଏହି ଅଞ୍ଚଳ ଗସ୍ତ କରିଛନ୍ତି। ଏହାଦ୍ୱାରା ଗାଁର କିଛିଟା ଉନ୍ନତି ହେବ ବୋଲି ଲୋକେ ଜିଲ୍ଲାପାଳଙ୍କ ଉପରେ ଭରସା କରିଛନ୍ତି।

